

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ବୁଧବାର ୨୭ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 27 OCTOBER 2021

Vol.No. 32 ■ No. 273 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## କୋଭାକ୍ସିନ ଟିକାକୁ ମିଳିବ ଡବ୍ଲ୍ୟୁଏଚଓର ଅନୁମୋଦନ

ନୂଆଦିଲ୍ଲୀ,୨୬/୧୦: ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର କୋଭାକ୍ସିନ ଟିକାକୁ ଆଜି ଅନୁମୋଦନ ଦେଇପାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଏଥିପାଇଁ ଆଜି ଡବ୍ଲୁଏଚଓ ବୈଷୟିକ ପରାମର୍ଶଦାତା କମିଟିର ବୈଠକ ବସୁଛି । ଭାରତ ବାୟୋଟେକ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନର ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେବା ନେଇ ବିଚାର କରିବ ଏହି କମିଟି । ଏଥିପାଇଁ ଡବ୍ଲୁଏଚଓ ମାଗିଥିବା ସମସ୍ତ ତଥ୍ୟ ପର୍ଯ୍ୟାୟକ୍ରମେ ଦେଇଛି ଟିକା ନିର୍ମାତା ଭାରତ ବାୟୋଟେକ କମ୍ପାନି । ଏପରିକି ସେପ୍ଟେମ୍ବର ୨୭ରେ କମ୍ପାନି ପକ୍ଷରୁ ସବିଶେଷ




ତଥ୍ୟ ଦିଆଯାଇଥିଲା । ଭାରତରେ ନିର୍ମିତ ଏହି କରୋନା ଟିକା ନେବାପାଇଁ ବିଶ୍ୱର ଏକାଧିକ ରାଷ୍ଟ୍ର ଆଗ୍ରହ ପ୍ରକାଶ କରିଛନ୍ତି । ଭାରତରେ ବ୍ୟବହାର ପରେ ବଳକା ଟିକାକୁ ବିଦେଶ ରପ୍ତାନୀ ପାଇଁ ଯୋଜନା କରୁଛି ଭାରତ ବାୟୋଟେକ । ସେହିପରି କୋଭାକ୍ସିନକୁ ଡବ୍ଲୁଏଚଓ ମାନ୍ୟତା ମିଳିଲେ ଏହି ଟିକାର ଦୁଇଟି ଡୋଜ ନେଇଥିବା ଭାରତୀୟଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ମିଳିବା ସହଜ ହେବ । ଭାରତର ସହରାଂଚଳ ଗୁଡିକରେ କୋଭାକ୍ସିନ ଟିକା ଦିଆଯାଉଛି । ତେଣୁ ବିଦେଶକୁ ଉଚ୍ଚଶିକ୍ଷା ପାଇଁ ଯିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ବାଧା ସୃଷ୍ଟି କରୁଛି । ବର୍ତମାନ ସୁଦ୍ଧା ଡବ୍ଲୁଏଚଓ ବିଶ୍ୱର ୬ଟି ଟିକାକୁ ଅନୁମୋଦନ କରିଛି । ଏଗିଡୁକ ମଧ୍ୟରେ ରହିଛି ଫାଇଜର, ଜନସନ ଆଣ୍ଡ ଜନସନ୍, ଆଷ୍ଟ୍ରାଜେନେକା, ମଡେର୍ଣ୍ଣା, ସିନୋଫାର୍ମ ଓ ସିନୋଭାକ ଟିକା ।

## ୨୫ କୋଟି ଡିଲ୍ ଘଟଣା: ସମୀର ୱାଙ୍ଖଡେଙ୍କୁ ଆଜି ଜେରା କରିବ ଏନ୍‌ସିବି

ମୁମ୍ବାଇ,୨୬/୧୦: ଡ୍ରଗ୍ସ ଲିଙ୍କ ଅଭିଯୋଗରେ ଗିରଫ ଆର୍ଯ୍ୟନ ଖାନଙ୍କ ଘଟଣାର ତଦନ୍ତ କରୁଥିବା ଏନସିବି ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ଏହି ଘଟଣାର ଜଣେ ସାକ୍ଷୀ ସମୀରଙ୍କ ବିରୋଧରେ ୨୫ କୋଟି ଟଙ୍କା ଡିଲ୍‌ର ଅଭିଯୋଗ ଆଣିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି । ଏବେ ଏନସିବିର ସ୍ୱତନ୍ତ୍ର ୫ ଜଣିଆ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଆସନ୍ତାକାଲି ଏନସିବିର ଏହି ଟିମ୍ ଦିଲ୍ଲୀରୁ ମୁମ୍ବାଇ ଆସିବ । ମୁମ୍ବାଇରେ ସେମାନେ ୨୫ କୋଟିର ଡିଲ୍ ସମ୍ପର୍କରେ ସମୀର ୱାଙ୍ଖଡେଙ୍କୁ ଜେରା କରିବେ ।



ଆସନ୍ତାକାଲି ଦିନ ୯ଟାରେ ଟିମ୍ ଦିଲ୍ଲୀ ଛାଡ଼ିବ । ଏହାପରେ ଦିନ ୧୧ଟା ପରେ ସେମାନେ ମୁମ୍ବାଇରେ ପହଞ୍ଚିବେ ବୋଲି ଜଣାପଡ଼ିଛି । ସମୀର ୱାଙ୍ଖଡେ ଡ୍ରଗ୍ସ ଲିଙ୍କ ମାମଲାରେ ବଲିଉଡ ଷ୍ଟାରକୁ ଜେରା କରୁଥିବା ବେଳେ ନିଜେ ସେହି ଫାଶରେ ପଡ଼ିଛନ୍ତି । ଏନସିବି ସମୀରଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଥିଲା । ଆସନ୍ତାକାଲି ମୁମ୍ବାଇ ଜେରା କରିବାକୁ ଆସୁଥିବା ଟିମ୍‌ର ନେତୃତ୍ୱ ଏନସିବିର ଡେପୁଟି ନିର୍ଦ୍ଦେଶକ ଜ୍ଞାନେଶ୍ୱର ସିଂହ ନେବେ । ଏହି ଟିମ୍‌ରେ ଆଉ ୪ ଜଣ ଜୋନାଲ ନିର୍ଦ୍ଦେଶକ ରାଙ୍କର ଅଧିକାରୀ ରହିଛନ୍ତି । ଆର୍ଯ୍ୟନଙ୍କ ଘଟଣାର ସାକ୍ଷୀ ପ୍ରଭାକର ସଇଲ ୨୫ କୋଟି ଡିଲ୍‌ର ଅଭିଯୋଗ ଆଣିବାର ଗୋଟିଏ ଦିନ ପରେ ସମୀର ୱାଙ୍ଖଡେ ତୁରନ୍ତ ମୁମ୍ବାଇ ପୁଲିସ୍ ମୁଖ୍ୟ ହେମନ୍ତ ନାଗରାଲେଙ୍କୁ ଚିଠି ଲେଖି ସୁରକ୍ଷା ଦାବି ▶▶ପୃଷ୍ଠା ୭

## ୩୭୮ ଓଏଏସ୍ ପଦକୁ ବୈଧ ଘୋଷଣା କଲେ ହାଇକୋର୍ଟ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ୨୦୦୬ ଓଏଏସ ନିଯୁକ୍ତି ବିବାଦ ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସ୍ୟାଟଙ୍କ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି । ଏଥିସହ ୩୭୮ ପଦକୁ ବୈଧ ଘୋଷଣା କରିଛନ୍ତି । ସୂଚନା ଅନୁଯାୟୀ ୨୦୦୬ ମସିହାରେ ଏହି ୩୭୮ ଜଣ ଓଏଏସ୍ ଭାବେ ନିଯୁକ୍ତି ପାଇଥିଲେ । ତେବେ ସେମାନଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଥିଲେ ଚୂଡ଼ାନ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନଥିବା କିଛି ପ୍ରାର୍ଥୀ । ସେମାନେ ସ୍ୟାଟ୍ ରେ ଆବେଦନ କରିଥିବା ବେଳେ ଓଏଏସ ନିଯୁକ୍ତିକୁ ଅବୈଧ ଘୋଷଣା କରିଥିଲେ ସ୍ୟାଟ । ସ୍ୟାଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାଏର ହୋଇଥିଲା ମାମଲା । ହାଇକୋର୍ଟ ପ୍ରଥମେ ସ୍ୟାଟ୍ ଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲଗାଇଥିଲେ । ଆଉ ଆଜି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଏହି ୩୭୮ ଜଣ ଓଏଏସ୍ ଙ୍କ ନିଯୁକ୍ତିକୁ ବୈଧ ଘୋଷଣା କରିଛନ୍ତି ।

## ତିନି ଦିନ ଧରି ସ୍ୱଳ୍ପ ବର୍ଷିବ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଣ୍ଟାରେ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ର ସୃଷ୍ଟି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୨୮, ୨୯ ଓ ୩୦ ତାରିଖରେ ରାଜ୍ୟରେ ୭ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ୨୮ ତାରିଖରେ ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଠିକ୍ ? ସେହିପରି ୨୯ ତାରିଖରେ ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ବର୍ଷା ହେବାର ଆଶଙ୍କା କରାଯାଉଛି । ୩୦ ତାରିଖରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା ରହିଛି ।

## ନଭେମ୍ବର ୧୬ରୁ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ଚେତାବନୀ




ଭୁବନେଶ୍ୱର,୨୬/୧୦(ନି.ପ୍ର): ରାଜ୍ୟରେ ଘରୋଇ ବସ୍ କ୍ଷତିରେ ଚାଲୁଛି । ତୈଳ ଦର ବୃଦ୍ଧି ଯୋଗୁଁ ସାଧାରଣ ଲୋକ ଅସ୍ତବ୍ୟସ୍ତ । ତେଲ ଦର କମ୍ କରିବା ପାଇଁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି । ଏଥିପାଇଁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ସରକାରଙ୍କୁ ମହଲତ ଦିଆଯାଇଛି । ଏହା ମଧ୍ୟରେ ତେଲ ଦର ନ କମିଲେ ନଭେମ୍ବର ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ରାଜ୍ୟ ଘରୋଇ ବସ୍ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି । ଆଜି ରାଜ୍ୟ ଘରୋଇ ବସ୍ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ବସିଥିଲା । ବୈଠକ ପରେ ଏପରି ଚେତାବନୀ ଦିଆଯାଇଛି । ସେ କହିଛନ୍ତି, ତେଲ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷର ଦାମ୍ ବୃଦ୍ଧି ଯୋଗୁ ବସ୍ ଗୁଡ଼ିକ କ୍ଷତିରେ ଚାଲିଛି । ଏଥିପାଇଁ ସରକାରଙ୍କ ସହଯୋଗ ଦରକାର ରହିଛି । ସରକାର ତେଲ ଦାମ୍ କମ୍ କରିବା ସହ ଟ୍ୟାକ୍ସ କମ୍ କରନ୍ତୁ ।

## ବିନା ଦର୍ଶକରେ ଖେଳାଯିବ ଜୁନିଅର ପୁରୁଷ ହକି ବିଶ୍ୱକପ୍

ଭୁବନେଶ୍ୱର,୨୬/୧୦ (ନି.ପ୍ର): ନଭେମ୍ବର ୨୪ରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ ଜୁନିଅର ପୁରୁଷ ହକି ବିଶ୍ୱକପ୍ । ଡିସେମ୍ବର ୫ ଯାଏଁ ୪ଟି ଗ୍ରୁପରେ ୧୬ଟି ଟିମକୁ ନେଇ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ । ତେବେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ବିନା ଦର୍ଶକରେ ମ୍ୟାଚ୍ ଖେଳାଯିବ । ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବେଶ ବାରଣ କରାଯାଇଥିବାରୁ ସମସ୍ତ ମ୍ୟାଚର ସିଧାପ୍ରସାରଣ କରାଯିବ । ଏନେଇ ହକି ଇଣ୍ଡିଆ ଓ ଏଫ୍‌ଆଇଏଚ୍ ନିଷ୍ପତି ନେବେ । ଉଭୟ ଖେଳାଳି ଓ ହକି ପ୍ରେମୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ମ୍ୟାଚ ବେଳେ କେବଳ ଅନୁମତି ପାଇଥିବା ବ୍ୟକ୍ତି ଷ୍ଟାଡିୟମକୁ ପ୍ରବେଶ କରିପାରିବେ ।



ଦର୍ଶକଙ୍କୁ ଅନୁମତି ମିଳିବ ନାହିଁ । ଜୁନିଅର ପୁରୁଷ ହକି ବିଶ୍ୱକପ୍ ରେ ଆୟୋଜକ ଭାରତ ସହ ଆର୍ଜେଂଟିନା, ବେଲଜିୟମ, କାନାଡ଼ା, ଚିଲି, ଇଜିପ୍ଟ, ଫ୍ରାନ୍ସ, ଜର୍ମାନୀ, କୋରିଆ, ମାଲେସିଆ, ପାକିସ୍ତାନ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା, ସ୍ପେନ୍, ନେଦରଲ୍ୟାଣ୍ଡ ସହ ଆମେରିକା ଟିମ୍ ଭାଗ ନେବ । ୫ ଦିନ ଧରି ପୁଲ୍ ଷ୍ଟେଜ୍ ମ୍ୟାଚ ଖେଳାଯିବ । ନଭେମ୍ବର ୩୦ରୁ କ୍ଲାସିଫିକେସନ୍ ମ୍ୟାଚ, ଡିସେମ୍ବର ୧ରେ କ୍ୱାର୍ଟର ଫାଇନାଲ, ୩ରେ ସେମି ଫାଇନାଲ ଏବଂ ୫ ତାରିଖରେ ଟାଇଟଲ ଲଢ଼େଇ ହେବ ।

## ନଭେମ୍ବର ୨୯ରୁ ସଂସଦ ଅଧିବେଶନ

ଭୁବନେଶ୍ୱର,୨୬/୧୦(ନି.ପ୍ର): ନଭେମ୍ବର ୨୯ରୁ ବସିବ ଶୀତକାଳୀନ ଅଧିବେଶନ । ନଭେମ୍ବର ୨୯ରୁ ଆରମ୍ଭ ହୋଇ ଡିସେମ୍ବର ୨୩ ଯାଏଁ ବସିବ ଅଧିବେଶନ । ଗୃହରେ ବିଭିନ୍ନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିପାରନ୍ତି ବିରୋଧୀ । ଏବେ ଯାଏଁ ବି ଜାରି ରହିଥି ଚାଷୀ ଆନ୍ଦୋଳନ । ତେଣୁ ଚଷୀଙ୍କ ନ୍ୟାୟ ଦାବିରେ ଗରମ ହୋଇପାରେ ଗୃହ । କେବଳ ଚାଷୀ ସମସ୍ୟା ନୁହେଁ । ଲଖିମପୁର୍ ଘଟଣା, କାଶ୍ମୀରରେ ସାଧାରଣ ଲୋକଙ୍କ ଉପରେ ଆତଙ୍କୀ ଆକ୍ରମଣକୁ ନେଇ ସରକାରଙ୍କୁ ଘେରିପାରନ୍ତି ବିରୋଧୀ ଗୃହରେ ସବୁଠୁ ବଡ ମୁଦ୍ଦା ରହିପାରେ ଦର ବୃଦ୍ଧି ।

## ଲଖିମପୁର ଖେରି ଚାଷୀ ହତ୍ୟା ଓ ହିଂସାକାଣ୍ଡ ମାମଲାରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬/୧୦: ପୁଣି ବର୍ଷିଲେ ସୁପ୍ରିମକୋର୍ଟ । ଲଖିମପୁର ହିଂସା ଘଟଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ପୁଣିଥରେ ୟୁପି ସରକାର ଉପରେ ବର୍ଷିଛନ୍ତି । ଘଟଣା ସ୍ଥଳରେ ଯେତେବେଳେ ଶତାଧିକ ଲୋକେ ଉପସ୍ଥିତ ଥିଲେ ତେବେ କେବଳ ୨୩ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କୁ ରେକର୍ଡରେ ଅଣାଯିବା ଆର୍ଶ୍ଚଯ୍ୟ ଜନକ ବୋଲି କହିଲେ ସୁପ୍ରିମକୋର୍ଟ । ସେହିପରି ଘଟଣାର ସାକ୍ଷୀଙ୍କୁ ରାଜ୍ୟ ସରକାର ସୁରକ୍ଷା ଦିଅନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଲଖିମପୁର ହିଂସାକାଣ୍ଡ ଘଟଣାରେ ପୁଣିଥରେ ଉତ୍ତରପ୍ରଦେଶ ସରକାର ଉପରେ



ବର୍ଷିଛନ୍ତି ସୁପ୍ରିମକୋର୍ଟ । ଚାଷୀ ମୃତ୍ୟୁ ଘଟଣାକୁ ନେଇ ଶୁଣାଣୀ କରି ପ୍ରଶ୍ନ କରିଛନ୍ତି ରାଲିରେ ୧୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ, ମାତ୍ର ପ୍ରତ୍ୟକ୍ଷଦର୍ଶୀ ଭାବେ କେବଳ ୨୩ ଜଣ କିପରି । କେବଳ ସେତିକି ନୁହେଁ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କୁ ରାଜ୍ୟ ସରକାର ସୁରକ୍ଷା ଦିଅନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସାକ୍ଷୀଙ୍କ ବୟାନ ଶୀଘ୍ର ରେକର୍ଡ କରିବା ସହ ତଦନ୍ତ କେତେବାଟ ଗଲା ସେନେଇ ଅନ୍ୟ ଏକ ରିପୋର୍ଟ ଦାଖଲ ▶▶ପୃଷ୍ଠା ୭

## ଆରୟନ ଖାନଙ୍କୁ ମିଳୁନି ବେଲ୍ : ଆଜି ପୁଣି ଜାମିନ ଆବେଦନର ଶୁଣାଣି

ମୁମ୍ବାଇ,୨୬/୧୦ (ନି.ପ୍ର): ଦୀର୍ଘ ୧୯ ଦିନର ଆଇନଗତ ଲଢ଼େଇ ଓ ଆରୋପ-ପ୍ରତିଆରୋପରେ ମଧ୍ୟ ବଲିଉଡ ଷ୍ଟାର ଶାହରୁଖ ଖାନଙ୍କ ପୁଅ ଆର୍ଯ୍ୟନଙ୍କୁ ଜାମିନ ମିଳିନି । ଆସନ୍ତାକାଲି ବମ୍ବେ ହାଇକୋର୍ଟର ଜଣିକିଆ ବେଞ୍ଚ ପୁଣି ଜାମିନ ଆବେଦନର ଶୁଣାଣି କରିବେ । ଆଜି ଦୀର୍ଘ ୩ ଘଣ୍ଟାକାଳ ଆର୍ଯ୍ୟନଙ୍କ ଓକିଲ ତଥା ଭାରତର ପୂର୍ବତନ ଆଟର୍ଣ୍ଣି ଜେନେରାଲ ମୁକୁଲ ରୋହତଗୀ ପକ୍ଷ ରଖିଥିଲେ । ସେ ଗୋଟିଏ ପରେ ଗୋଟିଏ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ଆର୍ଯ୍ୟନଙ୍କୁ



ଜାମିନ ପ୍ରଦାନ କରିବାକୁ ନିବେଦନ କରିଥିଲେ । ଏନସିବି ପକ୍ଷରୁ ଯଥା ସମ୍ଭବ ଆର୍ଯ୍ୟନଙ୍କୁ କେମିତି ଜାମିନ ନ ମିଳିବ, ସେଥିପାଇଁ ଉଦ୍ୟମ କରାଯାଇଥିଲା । ତେବେ କୋର୍ଟ ପୁଣି ଆସନ୍ତାକାଲି ଦିନ ୨.୩୦ରୁ ଜାମିନ ଆବେଦନର ଶୁଣାଣି କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଅକ୍ଟୋବର ୩ରେ ମୁମ୍ବାଇ କ୍ରୁଜ ଡ୍ରଗ୍ସ ପାର୍ଟି ଲିଙ୍କରେ ଗିରଫ ଦୁଇ ଓଡ଼ିଆ ଅଭିନ ସାହୁ ଓ ମନୀଷ ରାଜଗାରିଆଙ୍କୁ ଜାମିନ ମିଳିଥିବା ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେରେ ଖବର ପ୍ରକାଶ ପାଇଛି । ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ଉଭୟଙ୍କୁ ଜାମିନ ଦେଇଛନ୍ତି । କିନ୍ତୁ ନ୍ୟୁଜ ଏଜେନ୍ସି ଏନଆଇଏରେ କେବଳ ମନୀଷଙ୍କୁ ▶▶ପୃଷ୍ଠା ୭

## ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଗର୍ଜିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୬/୧୦(ନି.ପ୍ର): ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ପ୍ରତିବାଦ ତେଜିବାରେ ଲାଗିଛି । କ୍ୟାପଟେନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ଏବେ ନବୀନ ନିବାସକୁ ଟାର୍ଗେଟ କରିଛନ୍ତି ବିରୋଧୀ । ଛାତ୍ର କଂଗ୍ରେସ କର୍ମୀ ବ୍ୟାରିକେଡ ଭାଙ୍ଗି ନବୀନ ନିବାସ ଆଡକୁ ଯାଉଥିବା ବେଳେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି । ସେପଟେ ଯୁବ କଂଗ୍ରେସ କଟକ ଡିଜି ଅଫିସ ଘେରାଉ କରଥିବା ବେଳେ ବିଭିନ୍ନ ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକଙ୍କ



କାର୍ଯ୍ୟାଳୟରେ ହାଲ୍ଲାବୋଲ କରିଛି ବିଜେପି । ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀଙ୍କ ହଲ୍ଲାବୋଲ୍ । ନବୀନ ନିବାସ ମୁହାଁ ଛାତ୍ର କଂଗ୍ରେସ କର୍ମୀ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି ତୀବ୍ର ହେବାରେ ଲାଗିଛି । କିନ୍ତୁ ସରକାର ମନ୍ତ୍ରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ବିରୋଧୀଙ୍କ ଟାର୍ଗେଟକୁ ଆସିଛି ନବୀନ ନିବାସ । ପୂର୍ବ ଯୋଜନା ଅନୁଯାୟୀ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିଥିଲେ ଛାତ୍ରକଂଗ୍ରେସ କର୍ମୀ । ବ୍ୟାରିକେଡ଼ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଯୁବ କଂଗ୍ରେସର ଡିଜି ଅଫିସ ଘେରାଓ । ଖୋର୍ଦ୍ଧାରେ ପ୍ରତିବାଦ, ନାରାବାଜି । ଶିକ୍ଷୟିତ୍ରୀ ମମିତା ମେହେର ମାମଲାରେ ସବୁଠୁ ସନ୍ଦେହ ଘେରକୁ ଆସିଛି ପୋଲିସ । ମମିତାଙ୍କ ପରିବାର ଦେଇଥିବା ଏଫଆଇଆରକୁ ଗ୍ରହଣ ନକରିବା, ଗୋବିନ୍ଦ ସାହୁ ଫେରାର ହେବା, ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ପ୍ରତିବାଦରେ କଟକ ଡିଜି ଅଫିସ ଘେରାଉ କରିଛି ରାଜ୍ୟ ଯୁବ କଂଗ୍ରେସ । ସେହିପରି ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଦାବି ସହ ଅଭିଯୁକ୍ତ ଗୋବିନ୍ଦ ସାହୁକୁ କଠୋର ଦଣ୍ଡ ଦେବା ଦାବିରେ ଖୋର୍ଦ୍ଧା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସାରା ରାଜ୍ୟରେ ବିଜେପିର ପ୍ରତିବାଦ । ନୂଆପଡା ଏସପି ଅଫିସରେ ପଶିଲେ ବିଜେପି କର୍ମୀ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବିରେ ଆନ୍ଦୋଳନକୁ ଆହୁରି ଜୋରଦାର କରିଛି ବିଜେପି । ପୂର୍ବରୁ ପଶ୍ଚିମ ରାଜ୍ୟର

## ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ୨୬ ଅକ୍ଟୋବରଠାରୁ ୧ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ନିର୍ବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ରେ ଦୁର୍ନୀତି ବିରୋଧୀ ଶପଥ ପାଠ କରାଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ସମସ୍ତ ଅଧିକାରୀ ଓ କର୍ମଚାରୀ ଉକତ୍ରୋଚ ନେବେ ନାହିଁ କି ଦେବେ ନାହିଁ ବୋଲି ଶପଥ ପାଠ କରିଥିଲେ । କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ମଧ୍ୟରେ ସମସ୍ତେ ମାସ୍କ ପରିଧାନ ସହିତ ସାମାଜିକ ଦୂରତା ରକ୍ଷା କରି ଶପଥ ପାଠ କରିଥିଲେ । ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଦୁର୍ନୀତି ନିବାରଣର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଉପନିର୍ଦ୍ଦେଶକସନ୍ତୋଷ ଦାସ, ମାନସ ରଞ୍ଜନ ଖୁଂଟିଆ, ବିଶ୍ୱଜିତ ଦାଶ, ସ୍ମିତା କର ଏବଂ ଡ. ଜ୍ୟୋତିର୍ମତି ସାମନ୍ତରାୟ ତଥା ବିଭାଗୀୟ ଅଧିକାରୀମାନେ ଶପଥ ପାଠ କରିଥିଲେ । ଶପଥ ପାଠ ପତ୍ର ଉପରେ ଉପସ୍ଥିତ ସମସ୍ତେ ନିଜ ନିଜର ସ୍ୱାକ୍ଷର ପ୍ରଦାନ କରିଥିଲେ ।

# ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଏବଂ ଓ.ସି.ଏ.ର ପ୍ରୟାସ

## ଅମ୍ପାୟାର୍ ଓ ସ୍କୋରର୍‌ମାନଙ୍କ ପାଇଁ ୨ଦିବସୀୟ କର୍ମଶାଳା ଅନୁଷ୍ଠିତ

ଭଦ୍ରକ,୨୬/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସହଯୋଗରେ ଜିଲ୍ଲାର ଆଗ୍ରହୀ ଅମ୍ପାୟାର୍ ଓ ସ୍କୋରରମାନଙ୍କ ପାଇଁ ଏକ ୨ଦିନିଆ କର୍ମଶାଳା ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଶିକ୍ଷକ ରୂପେ ବିସିସିଆଇ ଅମ୍ପାୟାର୍ ଦୁର୍ଗାଦତ୍ତ ଦାସ, ବିସିସିଆଇ ଅମ୍ପାୟାର୍ ପ୍ରୀତିରଂଜନ ବିଜୟ ସିଂ ଅମ୍ପାୟାର୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ କର୍ମଶାଳା ପରିଚାଳନା କରିଥିବା ବେଳେ ବିସିସିଆଇ ସ୍କୋରର୍ ବୀରବର ନାୟକ ଏବଂ ବାସୁଶେଖର ସ୍କୋରର୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ କର୍ମଶାଳା ପରିଚାଳନା କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଉଭୟ ଅମ୍ପାୟାର ଓ ସ୍କୋରର ଭୂମିକା ସମ୍ପର୍କରେ ପ୍ରଶିକ୍ଷଣ ନେଥିଲେ। କର୍ମଶାଳା ଶେଷରେ ସେମାନଙ୍କ ପାଇଁ ମୌଖିକ ଓ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା, ଯାହାର ଫଳାଫଳ ଏକ ସପ୍ତାହ ମଧ୍ୟରେ ପ୍ରକାଶ କରାଯିବ ଓ ସେମାନେ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପରିଚାଳନା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ବୋଲି ସୂଚନା ଦିଆଯାଇଛି । ଏହି କର୍ମଶାଳା ପରିଚାଳନାରେ ଓଡ଼ିଶା କ୍ରିକେଟ୍ ୧୬ ବର୍ଷରୁ କମ୍ କ୍ରିକେଟ୍ କୋଚ୍ କେ.ଭି.ପ୍ରସାଦ, ଭଦ୍ରକ ଜିଲ୍ଲାର ପ୍ରଶିକ୍ଷକ ଚନ୍ଦନ ନାୟକ, ଅସିତ୍ ଦାସ, ରାଜେଶ ନାୟକ, ମୃଣ୍ମୟ ତ୍ରିପାଠୀ ଓ ବରିଷ୍ଠ କ୍ରିକେଟ୍ କ୍ରୀଡ଼ାବିତ୍ ରବିନାରାୟଣ ଓଝା ସହଯୋଗ କରିଥିଲେ।




୨୩ ତାରିଖ ପୂର୍ବାହ୍ନରେ ଏହି ଦୁଇ କର୍ମଶାଳାର ଏକ ସଂକ୍ଷିପ୍ତ ଉଦ୍‌ଘାଟନୀ ଉତ୍ସବ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଉପେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରିକେଟ ଆସୋସିଏସନର ସାଧାରଣ ସଂପାଦକ ଧୀରେନ୍ ପଲାଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ଏଭଳି କର୍ମଶାଳା ଆୟୋଜନ କରିବାରେ ଭଦ୍ରକ ଓଡ଼ିଶାର ପ୍ରଥମ ଜିଲ୍ଲା ବୋଲି ମନ୍ତବ୍ୟ ଦେଇଥିଲେ। ଉପସଭାପତି ଭବତୋଷ ଦାସ ଓ ବରିଷ୍ଠ ସଦସ୍ୟ ପ୍ରାଧ୍ୟାପକ ବିଜୟ କୁମାର ଜେନା କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ବାସୁଦେବପୁରର ଦେବବ୍ରତ ଦାସ ଓ.ସି.ଏ. ଦ୍ୱାରା ଆୟୋଜିତ ବିଭିନ୍ନ ଟୁର୍ଣ୍ଣାମେଣ୍ଟ୍‌ରେ ଅମ୍ପାୟାର୍ ରୂପେ ଦାୟିତ୍ୱ ତୁଲାଇ ଭଦ୍ରକ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୪ ତାରିଖ ସନ୍ଧ୍ୟାରେ ଏହି ଦୁଇ କର୍ମଶାଳା ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ଟୁର୍ଣ୍ଣାମେଣ୍ଟ କମିଟି ସଦସ୍ୟ ସୁଶିଲ୍ ପଟ୍ଟନାୟକ ଓ ରବିନାରାୟଣ ପାଣିଗ୍ରାହୀ ଜିଲ୍ଲାର ୧୧ଟି କ୍ରିକେଟ ଟିମ୍ ପାଇଁ ନେଟ୍, ବଲ୍ ଓ ଷ୍ଟମ୍ପ୍ ସେଟ୍ ପ୍ରଦାନ କରିଥିଲେ। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସର୍ବନିମ୍ନ ମଜୁରୀ, ସରକାରୀ ମାନ୍ୟତା ଓ ନିୟମିତ ଦରମା ଦାବିରେ ପାଚିକା ସହାୟୀକା ମାନଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କନ୍ଧମାଳ,୨୬/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ବିଦ୍ୟାଳୟ ମାନଙ୍କରେ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରାନ୍ଧିବା କାର୍ଯ୍ୟକୁ ସୁଚାରୁ ରୁପେ ତୁଲାଇ ଆସୁଥିବା ପାଚିକା ସହାୟିକା ମାନେ ସେମାନଙ୍କ ବିଭିନ୍ନ ଦାବୀରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଦୀର୍ଘବର୍ଷ ହେଲା ସେମାନେ ଦୈନିକ ମାତ୍ର ୩୩ ଟଙ୍କା ଦରମାରେ ବର୍ଷର ୧୨ ମାସ ପରିବର୍ତ୍ତେ କେବଳ ୧୦ ମାସର ମଜୁରୀ ପାଇ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ଦରମା ମଧ୍ୟ ନିୟମିତ ଭାବରେ ମିଳୁନାହିଁ । ବିଭାଗୀୟ ଅଧିକାରୀ ମାନେ ସେମାନଙ୍କୁ ନିଜ ଇଛା ଅନୁସାରେ ଛଟେଇ ମଧ୍ୟ କରି ଦେଉଛନ୍ତି । ତେଣୁ ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା ସହିତ ମସିକ ୨ ହଜାର ଟଙ୍କା ଲେଖାଏଁ ଦରମା ନିୟମିତ ଭାବରେ ପ୍ରଦାନ କରାଯିବା,ଦିର୍ଘ ସମୟ ଧରି ବିଦ୍ୟାଳୟ ଗୁଡିକ ବନ୍ଦ ରହିଥିବାରୁ ସେମାନଙ୍କୁ ଦରମା ମିଳୁନାହିଁ ସେଥିପାଇଁ ସରକାର ତୁରନ୍ତ ବିଦ୍ୟାଳୟ ଗୁଡିକ ଖୋଲାଯିବା,ପାଚିକା ମାନଙ୍କୁ ଛଟେଇ କରାନଯିବା,ଘୋଷଣା କରାଯାଇଥିବା ସେମାନଙ୍କର ୨୮ ମାସର ବର୍ଦ୍ଧିତ ଦରମା ପ୍ରଦାନ କରାଯିବା ସହିତ ଅନ୍ୟାନ୍ୟ ବିଭିନ୍ନ ୧୪ ଦଫା ଦାବୀରେ ଆଜି ଏହି ଦାବୀପତ୍ର ପ୍ରଦାନ କରାଯାଛି । ୧୫ ଦିନ ମଧ୍ୟରେ ସେମାନଙ୍କର ଏହି ଦାବୀକଲୁ ସରକାର ପୁରଣ ନ କଲେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପାଚିକା ସହାୟୀକା ନିକିମା ପ୍ରଧାନ,ସୁକାନ୍ତି ନାୟକ,ନିରୁପମା ପ୍ରଧାନ,ମଞ୍ଜୁଳା ସାହୁ,ସବିତା ବେହରୋ,ଅଳକା ସାହୁ,ବିନୋଦିନୀ ପ୍ରଧାନ,ମିନି କହଁର ଏବଂ ଗୀତାଞ୍ଜଳି ସାହୁ ପ୍ରମୁଖ କହିଛନ୍ତି ।

## ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାର ଶୁଭାରମ୍ଭ

ଖୋର୍ଦ୍ଧା,୨୬/୧୦ (ନି.ପ୍ର): ଗ୍ରାମାଂଚଳର ବେକାର ଯୁବକ ଓ ଯୁବତୀମାନଙ୍କୁ ଉପଯୁକ୍ତ ଓ ଉନ୍ନତ ତାଲିମ ଜରିଆରେ ଅଧିକ ରୋଜଗାରକ୍ଷମ କରିବା ପାଇଁ ସରକାର ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା କରିଛନ୍ତି । ଏହା ସରକାରଙ୍କ ଏକ ନିଯୁକ୍ତି ଭିତିକ ଦକ୍ଷତା ବିକାଶ ଟ୍ରେନିଂ ଓ ଧନ୍ଦାମୂଳକ ଜାତୀୟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମଙ୍କୁ ପ୍ରତ୍ୟେକ ଯୁବକ ଯୁବତୀମାନଙ୍କ ପାଖରେ ପହଂଚାଇବା ଉଦେଶ୍ୟ ନେଇ ଆଜି ଖୋର୍ଦ୍ଧା ଡ଼ି.ଆର.ଡ଼ି.ଏ. କାର୍ଯ୍ୟାଳୟ ଠାରୁ ଦୁଇଟି ସଚେତନତା ରଥ ବାହାରିଛି । ଏହି ରଥକୁ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଓ ଅତିରିକ୍ତ ଜିଲ୍ଲାପାଳ ମନୋଜ ପାଢୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ୧୫ରୁ ୩୫ ବର୍ଷର ଯୁବକଯୁବତୀମାନେ ଟ୍ରେନିଂ ନେବା ସହ ଆତ୍ମ ନିର୍ଭରଶୀଳ ହୋଇପାରିବେ ।

## ନାବାଳିକାକୁ ଅପହରଣ ଘଟଣା : ଯୁବକକୁ ଗିରଫ କରି କୋର୍ଟଚାଲାଣ କଲା ମୋଟୁ ପୋଲିସ

ମାଲକାନଗିରି,୨୬/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମୋଟୁ ଥାନା ଅଂଚଳରେ ଜଣେ ୧୫ ବର୍ଷୀୟ ନାବାଳିକାକୁ ଅପହରଣ ହୋଇଥିବା ନେଇ ପରିବାର ଲୋକେ ଗତ ୨୦ ତାରିଖରେ ମୋଟୁ ଥାନାରେ ଏକ ଲିଖିତ ଏତଲା କରିଥିଲେ । ତେବେ ମୋଟୁ ଥାନା ଅନ୍ତର୍ଗତ ଏମପିଭି - ୪୭ ନମ୍ବର ଗ୍ରାମର ଅଜିତ ସର୍ଦାରଙ୍କ ପୁଅ ଶଶୀ ସର୍ଦାର(୨୪) ଝିଅକୁ ଘରୁ ଅପହରଣ କରି ନେଇଥିବା ଏତଲାରେ ଦର୍ଶାଯାଇଥିଲା । ଘଟଣାରେ ସମ୍ପୃକ୍ତ ଯୁବକ ଶଶୀ ଫେରାର ହୋଇଯାଇଥିବା ବେଳେ ଝିଅକୁ ପୋଲିସ ଉଦ୍ଧାର କରିଥିଲେ । ଏ ନେଇ ମୋଟୁ ଥାନାରେ ୧୦୭/୨୧ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ମୋଟୁ ପୋଲିସ । ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଶଶୀ ଫେରାର ହୋଇଯାଇଥିଲା । ତାକୁ ଧରିବା ପାଇଁ ଥାନା ଅଧିକାରୀ ଅଶୋକ କୁମାର ବିଶୋଇଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନିମାଇଁ ଚରଣ ପଣ୍ଡାଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଏକ ବିଶେଷ ସୂତ୍ରରୁ ଖବର ପାଇ ପୋଲିସର ଏହି ଟିମ୍ ଶଶୀଙ୍କୁ ଗତକାଲି ରାତିରେ ତେଲେଙ୍ଗାନା ରାଜ୍ୟର ଭଦ୍ରାଚଳମ ଅଞ୍ଚଳରୁ ଗିରଫ କରିଥିଲେ । ଆଜି ଅଭିଯୁକ୍ତ ଶଶୀକୁ ଦଫା ୩୬୩/୩୬୬/୩୭୬(୨)/୩୭୬(୩)/୫୦୬/୩୪ ଆଇପିସି ୦୬/୧୭ ପୋକ୍ସ ଆକ୍ଟରେ କୋର୍ଟଚାଲାଣ କରାଯାଇଛି ବୋଲି ମୋଟୁ ଥାନା ଆଇଆଇସି ଅଶୋକ ବିଶୋଇ ଓ ଏସଆଇ ଶ୍ରୀ ପଣ୍ଡା କହିଛନ୍ତି । ସୂଚନା ଥାଉକି, ଗତ ୧୮ ତାରିଖ ସୋମବାର ସନ୍ଧ୍ୟାରେ ଶଶୀ ଘରକୁ ବୁଲିବାକୁ ଆସି ଏହି କାଣ୍ଡ କରିଥିବା ଝିଅର ବାପା ଜଣାଇଥିଲେ ।ତା' ପରଦିନ ସକାଳୁ ଝିଅକୁ ଘରେ ନ ପାଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ କିନ୍ତୁ କୌଣସି ସନ୍ଧାନ ମିଳି ନ ଥିଲା । ଶେଷରେ ଗତ ବୁଧବାର ମୋଟୁ ଥାନାରେ ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଏତଲା ଦିଆଯାଇଥିଲା । ବର୍ତ୍ତମାନ ଏହି ଘଟଣାର ତଦନ୍ତ ଏସଆଇ ଶ୍ରୀ ପଣ୍ଡା ଜାରୀ ରଖିଛନ୍ତି ବୋଲି ଥାନା ଅଧିକାରୀ ଶ୍ରୀ ବିଶୋଇ କହିଛନ୍ତି ।

## ଲଗାଣ ବର୍ଷାରେ ଫସଲ ନଷ୍ଟ ହେଇଥିବା କ୍ଷତିପୂରଣ ଦାବି

କେନ୍ଦ୍ରାପଡ଼ା,୨୬/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତରେ ଶତାଧିକ ଚାଷୀ ୨୦୨୦ ମସିହାରେ ସେମାନଙ୍କର ଚାଷ ନଷ୍ଟ ହୋଇ ଯାଇଥିବା ବାବଦରେ କ୍ଷତିପୁରଣ ପାଇନଥିବା ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ୨୦୨୦ ମସିହା ଲଗାଣ ବର୍ଷାରେ ଏହି ଅଂଚଳରେ ଫସଲ ଗୁଡିକ ଶତକଡା ୭୨ ଭାଗ ନଷ୍ଟ ହୋଇଥିବା ଘୋଷଣା କରାଯାଇ ଥିଲା । ଚାଷୀମାନେ କୁତରଙ୍କ କୃଷି ପ୍ରାଥମିକ ସମବାୟ ସମିତି ରୁ ଋଣ ନେଇ ଚାଷ କାର୍ଯ୍ୟରେ ଲଗାଇ ଥିଲେ । ଏ ବାବଦରେ ସମବାୟ ସମିତିର ସଂପାଦକ ଚାଷୀ ମାନଙ୍କ ଠାରୁ ବୀମା ବାବଦକୁ ଟଙ୍କା କାଟି ନେଇଥିଲେ । ଅକ୍ଟୋବର ୨୦୨୧ ମସିହା ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ କୌଣସି କ୍ଷତିପୁରଣ ମିଳି ନଥିବାରୁ ଚାଷିମାନେ ଏ ବାବଦରେ କୃଷି ସମବାୟ ସମିତି କୁ ଯାଇ ବୁଝିବାରୁ ପୂର୍ବତନ ସଂପାଦକ ବୀମା କାଗଜପତ୍ର କାର୍ଯ୍ୟାଳୟ ରେ ଦାଖଲ କରି ନଥିବାରୁ କ୍ଷତିପୁରଣ ଟଙ୍କା ପାଇନଥିବା ଢୋଲ ପଂଚାୟତର ଶରତ ଚନ୍ଦ୍ର ପରିଡା, ପୁରୁଷୋତମ ପରିଡା, ଅଭିମନ୍ୟୁ ପରିଡା, ରାଜେନ୍ଦ୍ର ପରିଡା, ସୁରେନ୍ଦ୍ର ପରିଡା, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ରୋଟାରୀ କ୍ଲବ ମିଡଟାଉନ ଓ ରୋଟାରୀ କ୍ଲବ ଭଦ୍ରକ ଦ୍ୱାରା ଅଙ୍ଗଦାନ ସମ୍ବନ୍ଧୀୟ କର୍ମଶାଳା

ଭଦ୍ରକ,୨୬/୧୦ (ନି.ପ୍ର): ରୋଟାରୀ କ୍ଲବ ମିଡଟାଉନ ଭଦ୍ରକ ଓ ଭଦ୍ରକ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସାଳନ୍ଦୀ ହସ୍‌ପିଟାଲ ଓ ନର୍ସିଂ ସ୍କୁଲ ପରିସରରେ ଅଙ୍ଗଦାନ ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ରୋଟାରୀ ମିଡ୍‌ଟାଉନର ସଭାପତି ପବିତ୍ର ମୋହନ ଖିଲାର ଓ ରୋଟରୀ କ୍ଲବ ଭଦ୍ରକର ସଭାପତି ବସନ୍ତ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ରୋଟାରିଆନ ଡା. ପ୍ରଭାସ କୁମାର ମହାନ୍ତି ପୌରୋହିତ୍ୟ କରିଥିଲେ। ଡାକ୍ତର ମହାନ୍ତି ତାଙ୍କ ବକ୍ତବ୍ୟରେ ଅଙ୍ଗଦାନର ଆବଶ୍ୟକତା, ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡା. ସୁଧିର କୁମାର ନାୟକ ଅଙ୍ଗଦାନ ଦ୍ୱାରା କିପରି ଅନ୍ୟମାନଙ୍କ ଜୀବନ ରକ୍ଷା କରାଯାଇ ପାରେ ସେ ସମ୍ବନ୍ଧରେ ଅବଗତ କରାଇଥିଲେ। ଅତିରିକ୍ତ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଅତିସ କୁମାର ବେହେରା ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ମହନୀୟତା ଓ ଗୁରୁତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅଙ୍ଗଦାନ ଏକ ମହତ ଦାନ ଓ କର୍ତ୍ତବ୍ୟ। ମୃତ୍ୟୁ ପୂର୍ବରୁ ଜଣେ ନିଜର ଅଙ୍ଗଦାନ କରି ଅନ୍ୟର ଜୀବନ ରକ୍ଷା କରିବା ଠାରୁ ପୁଣ୍ୟ କାର୍ଯ୍ୟ ଆଉ କିଛି ନାହିଁ ବୋଲି କର୍ମଶାଳାରେ ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଶିଶିର ମିଶ୍ର, ଇନ୍ଦ୍ରଜିତ ସିଂ, ସନାନ ଜେନା, ମନୋଜ ସାହୁ, ପ୍ରମୋଦ ଜେନା, ଅଜିତ ଦାସ, ଶ୍ରୀକାନ୍ତ ଦାସ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅନ୍ୟ ସଦସ୍ୟ ସଦସ୍ୟାମାନେ ଏହାର ସୁପରିଚାଳନା କରିଥିଲେ।



## ସୋତି ସ୍କୁଲରେ ଅଷ୍ଟମ ଶ୍ରେଣୀ, ଛାତ୍ରଛାତ୍ରୀଙ୍କୁ ଅଭିନବ ଉପାୟରେ ସ୍ୱାଗତ

କୋରେଇ,୨୬/୧୦ (ନି.ପ୍ର): ଅଷ୍ଟମ ଶ୍ରେଣୀ ଛାତ୍ର/ଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ବିଦ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି । ସେମାନଙ୍କୁ ସ୍ୱାଗତ କରିବା ପାଇଁ ବିଦ୍ୟାଳୟ ଗୁଡିକ ଅନାଇ ବସିଥିଲେ। ଗୋଳେଇପୁର ପଂଚାୟତର ସୋତି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର/ଛାତ୍ରୀଙ୍କୁ ଅଭିନବ ଉପାୟରେ ସ୍ୱାଗତ କରାଯାଇଟି । ପିଲାମାନଙ୍କୁ ଗ୍ରାମ ମୁଣ୍ଡରୁ ପଛୋଟି ଆଣି, ସ୍କାନିଙ୍ଗ, ସାନିଟାଇଜ, ମାସ୍କ ପରିଧାନ, କରୋନା କଟକଣା ମଧ୍ୟରେ ସାମାଜିକ ଦୂରତା ସମ୍ପର୍କରେ ଅବଗତ କରିବା ପରେ ବାଦ୍ୟ ଯନ୍ତ୍ରର ତାଳେ ତାଳେ ପୁଷ୍ପ ପକାଯାଇ ସ୍ୱାଗତ ସଙ୍ଗୀତରେ ସ୍କୁଲରେ ପ୍ରବେଶ କରାଯାଇଥିଲା। ପ୍ରଧାନ ଶିକ୍ଷକ ଦୁର୍ଗା ମାଧବ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏସବୁ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ଦଳାଇ ଓ କ୍ରୀଡା ଶିକ୍ଷକ ପପୁନ ମଳିକ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପରେ ସମସ୍ତ ଛାତ୍ର/ଛାତ୍ରୀଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ସାଧନ କେନ୍ଦ୍ରର ସଂଯୋଜକ ପ୍ରଶାନ୍ତ କୁମାର ବେହେରା, ଗୋଳେଇପୁର ସମିତିସଭ୍ୟା ଭାନୁପ୍ରଭା କରଣ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଗୁରୁଜୁଙ୍ଗ ସରକାରୀ ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠନ

ଭବାନୀପାଟଣା,୨୬/୧୦ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ସଦର ଗୁରୁଜୁଙ୍ଗ, ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠନ ହୋଇଛି । ଏହି କମିଟି ଗଠନରେ ସ୍ଥାନୀୟ ସରପଚଂ ରୀନା ସାହୁ ଅଧକ୍ଷତା କରିଥିଲେ । ପ୍ରଧାନ ଶିକ୍ଷକ ଗୋରେଖ ଚନ୍ଦ୍ର ସାହୁ, ବିଇଓ ସିମାଚଂଳ ସାହୁ କମିଟି ଗଠନର ନୀତି, ନିୟମ, ଯୋଗ୍ୟତା ବିଷୟରେ ଅଭିଭାବକ ମାନଙ୍କୁ ବୁଝାଇ ଥିଲେ । ଉପସ୍ଥିତ ଅଭିଭାବକ ମାନଙ୍କ ମଧରେ ପୁରୁଷ, ମହିଳା ମାନଙ୍କ ମଧ୍ୟରୁ ୧୨ ଜଣ ସଭ୍ୟ ସଭ୍ୟା ମନୋନୀତ ହୋଇ ଜଣକୁ ସଭାପତି ଓ ଅନ୍ୟ ଜଣଙ୍କୁ ଉପ ସଭାପତି ମନୋନୀତ କରାଯାଇଥିଲା । ହଂସଧ୍ୱଜ ସାହୁ ସଭାପତି, ଗୋପବନ୍ଧୁ ଶବର ଉପ ସଭାପତି, ଲକ୍ଷ୍ମୀ ହରିଜନ, ବିଜିଳି ଶବର, ବୈବସୁତ ହରିଜନ, ଗୁଣ ସାଗର ବେହେରା, ରଜବତୀ ହରିଜନ, ଅଜିତ ଶବର, ବାସମତି ଛତର, ଗେଲ ଦେଇ ଶବର, ଦମୟନ୍ତୀ ସରାଫ, ପ୍ରମୋଦ କୁମାର ଯୁଆଡ ଏବଂ ଏକ୍ସ ମେମ୍ବର ହେଲେ ଅଙ୍ଗନ ୱାଡି କର୍ମୀ ଅଶୋକା ମଞ୍ଜରୀ ନାଏକ, ଆଶା ପ୍ରମିଳା ହରିଜନ, ପ୍ରଧାନ ଶିକ୍ଷକ ଗୋରେଖ ଚନ୍ଦ୍ର ସାହୁ, ୱାର୍ଡ ମେମ୍ବର ଧନଞ୍ଜୟ ମାଝୀ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ସ୍କୁଲର ଉନ୍ନତି କରିବାକୁ ଯତ୍ନବାନ ହେବାକୁ କହିଥିବା ବେଳେ ସ୍କୁଲର ଚାରିପଟେ ପାଚେରୀ, ବନିକରଣ ଏବଂ ରାସ୍ତା ନିର୍ମାଣ ନେଇ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦିଆଯାଇଥିଲା । ନିର୍ବାଚିତ କମିଟିକୁ ଧନ୍ୟବାଦ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ପୋଲିଓ ଭେକ୍ସିନ ନେଇ ଶିଶୁର ମୃତ୍ୟୁ ଅଭିଯୋଗ

## ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ସହ ବାପା, ମା'ଙ୍କ ଏସପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଭଦ୍ରକ,୨୫।୧୦: ଦେହ ଅସୁସ୍ଥ ଥିବା କହିବା ସତ୍ତ୍ୱେ ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ତାଙ୍କ ୬ମାସର ଶିଶୁପୁତ୍ର ଶଶୀକାନ୍ତକୁ ପୋଲିଓ ଭେକ୍ସିନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁପୁତ୍ରର ଅବସ୍ଥା ଅଧିକ ଖରାପ ହେବାରୁ ବାପା, ମା' ତାକୁ ପ୍ରଥମେ ଭଣ୍ଡାରିପୋଖରୀ ଓ ପରେ ଜିଲ୍ଲା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଶିଶୁପୁତ୍ରକୁ କଟକ ସ୍ଥାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତା'ର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟ ବିଭାଗର ଖମଖିଆଲି ନିତୀ ପାଇଁ ତାଙ୍କ ଶିଶୁପୁତ୍ରର ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରି ନ୍ୟାୟ ପାଇବା ଦାବିରେ ମୃତ ଶିଶୁର ବାପା, ମା'ଙ୍କ ସମେତ ବହୁ ଗ୍ରାମବାସୀ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅତିରିକ୍ତ ଏସପି ଯତିନ ପଣ୍ଡା ଧାରଣାରତ ବାପା ମା'ଙ୍କ ସହ ଆଲୋଚନା କରି ଆବଶ୍ୟକ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନଗୁଆଁ ଗ୍ରାମର ବିକାଶ ଜେନାଙ୍କ ଅଭିଯୋଗ ଅନୁଯାୟୀ ଗତ ସେପ୍ଟେମ୍ବର ମାସ ୧୬ ତାରିଖ ତାଙ୍କ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ପୋଲିଓ ଟୀକାଦାନ ଶିବିର ଆୟୋଜିତ ହୋଇଥିଲା। ସ୍ଥାନୀୟ ଆଶାକର୍ମୀ ରଜନୀରାଣୀ ବାରିକ ପୋଲିଓ ନେବା ପାଇଁ ତାଙ୍କୁ କହିଥିଲେ। ସେହି ଅନୁଯାୟୀ ଉକ୍ତ ଶିବିରରେ ପହଞ୍ଚିବା ପରେ ବିଭାଗୀୟ ସେବିକା ଭେକ୍ସିନ ଦେଇଥିଲେ। କିନ୍ତୁ ଭେକ୍ସିନ ନେବା ପରେ ୬ମାସର ପୁତ୍ରର ଅବସ୍ଥା ଖରାପ ହେବାକୁ ଲାଗିଲା। ଏ ସମ୍ପର୍କରେ ସଂପୃକ୍ତ ଆଶା କର୍ମୀ ଓ ସେବିକାଙ୍କୁ ଯୋଗଯୋଗ କରିଥିଲେ ମଧ ସେମାନେ କୌଣସି ଚିକିତ୍ସା ସେବା କରିବା ପରିବର୍ତ୍ତେ ବିରକ୍ତ ହୋଇ ଗାଳି ଗୁଲଜ କରିଥିବା ବିକାଶ ଅଭିଯୋଗ କରିଛନ୍ତି। ତେଣୁ ସେ ବାଧ ହୋଇ ପ୍ରଥମେ ଭଣ୍ଡାରିପୋଖରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ଚିକିତ୍ସାଳୟ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ କଟକ ରେଫର କରିଥିଲେ। ଆମ୍ବୁଲାନ୍ସ ଆସିବରେ ମଧ ବିଳମ୍ବ ହୋଇଥିଲା। ଫଳରେ କଟକ ଯିବା ବାଟରେ ତାଙ୍କ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ବିକାଶ ପୁଲିସ, ସିଡିଏମଓ, ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରି ବିଫଳ ହେବା ପରେ ଆଜି କର୍ତ୍ତବ୍ୟରେ ଅବହେଳା କରିଥିବା ବିଭଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ କହିଥିଲେ। ସେହି ଅନୁଯାୟୀ ଆଶ୍ରିବାଦ ନାରୀ ସୁରକ୍ଷା ସଂଗଠନର ନେତ୍ରୀ ମଞ୍ଜୁଲତା ସ୍ୱାଇଁଙ୍କ ନେତୃତ୍ୱରେ ଧାରଣାରେ ବସିଥିଲେ। ଅପରପକ୍ଷେ ଏସଡିପିଓ ତାଙ୍କ ଘରକୁ ଯାଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ନଦେବାକୁ ଧମକ ଦେଇଥିବା ମଧ ସେ ଗଣମାଧ୍ୟମକୁ କହିଛନ୍ତି। ତେବେ ଅତିରିକ୍ତ ଏସପି ଯତିନ ପଣ୍ଡା ଧାରଣାରତ ବିକାଶଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।



## ନଦୀମୁଠା ଅଂଚଳର ୬ଗୋଟି ପଚାଂୟତର ମୌଳିକ ସମସ୍ୟାର ସମାଧାନ ସହ ମୌଳିକ ଅଧିକାର ପାଇଁ ଦାବି

ପାରଳାଖେମୁଣ୍ଡି,୨୬/୧୦ (ନି.ପ୍ର): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ସମ୍ବଲପୁର ପଚାଂୟତ କାର୍ଯ୍ୟାଳୟ ପରିସର ଠାରେ ନଦିମୁଠା ଅଂଚଳ ବିକାଶ ସମିତିର ଏକ ଜରୁରୀ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଅଂଚଳର ୬ଗୋଟି ପଚାଂୟତ ତଥା ପରିମଳ, ସମ୍ବଲପୁର, ଉଦୟପୁର, ସୁନ୍ଦରଡାଙ୍ଗ, ଅନୁଗୁରୁ ଓ କିରାମା ପଞ୍ଚାୟତ ମାନଙ୍କର ପି.ଆର୍.ଆଇ. ମେମ୍ବର ଓ ବୁଦ୍ଧିଜୀବୀ ମାନଙ୍କ ଉପସ୍ଥିତିରେ ଅଞ୍ଚଳର ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ସରକାରଙ୍କୁ ସ୍ମାରକ ପତ୍ର ଦେବା ନିମନ୍ତେ ପ୍ରସ୍ତୁତି ଓ ଆଲୋଚନା ହୋଇଯାଇଛି । ବୈଠକରେ ମୁଖ୍ୟତଃ ରା.ଉଦୟଗିରି ଠାରୁ କୀରମା ବିପର୍ଯ୍ୟସ୍ତ ରାସ୍ତାର ପୁନରୁଦ୍ଧାର, କୌଣସି ନେଟୱାର୍କ ସେବା ନ ଥିବାରୁ ପିଲାମାନେ ଅନ୍‌ଲାଇନ ପାଠ ପଢାରୁ ବଞ୍ଚିତ ହେବା ସହ ପଞ୍ଚାୟତର ସମସ୍ତ ଅନ୍‌ଲାଇନ କାମ ହୋଇପାରୁନାହିଁ । ପଞ୍ଚାୟତ ଅଧିକାରୀ ମାନେ ଏହାର ସୁଯୋଗ ନେଇ ଆର.ଉଦୟଗିରି ଓ ପାରଳାଖେମଣ୍ଡି ରହୁଛନ୍ତି । ପରିମଳ ଅଞ୍ଚଳର କିଛି ବେପାରିମାନେ ଅନ୍‌ଲାଇନ କାମ କରିଦେବି କହି ଶହ ଶହ ଟଙ୍କା ଅଞ୍ଚଳ ଲୋକଙ୍କୁ ଠକୁଛନ୍ତି । ଏହାଧ୍ୱାରା ଏହି ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ ହେଲେ ଅଞ୍ଚଳର ସରକାରୀ ବାବୁ ଠକି ପାରନ୍ତେ ନାହିଁ ଏବଂ ଅଞ୍ଚଳର ବେପାରିମାନେ ଏଭଳି ଠକେଇରୁ ମୁକ୍ତି ପାଇପାରନ୍ତେ । ଏହି ୬ଟି ଅଞ୍ଚଳରେ ମେଡିକାଲ ସୁବିଧା ନଥିବାରୁ ଲୋକଙ୍କ ଦେହ ଖରାପ ହେଲେ ଏଠାରୁ ୫୦ କିଲୋମିଟର ଦୂରରେ ଥିବା ଆର.ଉଦୟଗିରି ଏବଂ ବି. ଖଜୁରିପଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ନେଉଥିବା ସମୟରେ କିଛି ଲୋକ ମୃତ୍ୟୁ ମୁଖରେ ପଡନ୍ତି ବୋଲି ଯୋଗ ଦେଇଥିବା ଅତିଥିମାନେ ନିଜ ନିଜର ବକ୍ତବ୍ୟରେ କହିଥିଲେ । ଅଞ୍ଚଳର ଲୋକମାନେ ବାଧ ହୋଇ ଗାଁ ରେ ଥିବା କ୍ୱାକ୍ ଉପରେ ନିର୍ଭର କରନ୍ତି । ସେମାନେ ଠିକ୍ ଚିକିତ୍ସା ନ କରିପାରି ରୋଗି ମୃତ୍ୟୁ ମୁଖରେ ପଡୁଛନ୍ତି । ସେବା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରଟିଏ ପ୍ରତିଷ୍ଠା ଲାଗି ଦାବି ଜୋର୍ ଧରିଛି । ଆଗରୁ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ପ୍ରତିନିଧି ମାନଙ୍କୁ ଅନେକ ଥର ଏ ବିଷୟ ନେଇ ଜଣାଇଥଲେ ମଧ ତାର ସମାଧାନ ଲାଗି ପ୍ରଶାସନ ତତ୍ପରତା ଦେଖାଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ତେଣୁ ଏହି ବୈଠକର ନିଷ୍ପତି ଅନୁସାରେ, ଅଞ୍ଚଳ ବିକାଶ ସମିତି ଏକ ନୂତନ କମିଟି ଗଠନ କରି ଚଳିତ ମାସ ୨୮ ତାରିଖରେ ଜିଲ୍ଲା ପ୍ରଶାସନଙ୍କ ଧ୍ୱାରସ୍ଥ ହୋଇ ଅଭିଯୋଗ ପତ୍ର ଦେବାର କାର୍ଯ୍ୟକ୍ରମ ରହିଛି । ବୈଠକର ନିଷ୍ପତି ଅନୁସାରେ ପ୍ରଶାସନ ଏହାର ସ୍ଥାୟୀ ଓ ଶୀଘ୍ର ସମାଧାନ ନକଲେ ଆଗାମୀ ଦିନରେ ରା.ଉଦୟଗିରି କୀରାମା ମୁଖ୍ୟ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିବାକୁ ଓ ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ଭୋଟ ବର୍ଜନ କରିବା ସହ କୌଣସି ପ୍ରଶାସନ ଅଧିକାରୀ ମାନଙ୍କୁ ମଧ ଅଂଚଳ ମଧ୍ୟରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ନିଷ୍ପତି ନିଆଯାଇଛି । ଏହି ବୈଠକରେ ଅନୁଗୁରୁ ସରପଚଂ ଯାକୁବ ମାଝୀ ସଭାପତିତ୍ୱ କରିଥିବା ବେଳେ ସମ୍ବଲପୁର ସରପଞ୍ଚ ଜଗନ୍ନାଥ ଗମାଙ୍ଗ ଏବଂ ବଡ଼ପଦା ସମିତି ସଭ୍ୟ ପ୍ରେମା ମାଝୀ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧରେ ପରିମଳ ସରପଚଂ ପ୍ରଶାନ୍ତି ଗମାଙ୍ଗ, କିରାମା ସରପଚଂ ସୁଫଲା ମଣ୍ଡଳ, ସମିତି ସଭ୍ୟ ରାଜେନ୍ଦ୍ର ଶବର, ସମିତି ସଭ୍ୟ କାହ୍ନୁ ଚରଣ ନାୟକ ଏବଂ ପ୍ରତି ପଚାଂୟତର ସମସ୍ତ ୱାର୍ଡମେମ୍ବର ଓ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଏହି ବୈଠକରେ ଉପସ୍ଥିତ ଥିଲେ ।

**୩୦ ବର୍ଷ ପରେ**

# ବଦଳାନ୍ତୁ ଖାଦ୍ୟାଭ୍ୟାସ

ବୟସ ୩୦ ବର୍ଷ ଛୁଇଁଲେ ଆମ ଶାରୀରରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ତେଣୁ ଏହି ସମୟରେ ଖାଦ୍ୟପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ଯଦି ଆପଣ ସାସ୍ଥ୍ୟକର ଖାଦ୍ୟ ଖାଆନ୍ତି, ତେବେ ବୃକକ୍, ଯକୃତ, ହୃଦୟ, ହାଡ଼, ମାଂସପେଶୀ ଓ ମସ୍ତିଷ୍କ ଆଦି ଦୀର୍ଘ ଦିନ ଯାଏ ସୁସ୍ଥ ରହିବ । କିନ୍ତୁ ସାମାନ୍ୟ ଅବହେଳା ଯୋଗୁ ଆଜିର ଯୁବବର୍ଗ କମ ବୟସରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ତେବେ ଆସନ୍ତୁ ଜାଣିବା ୩୦ ବର୍ଷ ପରେ କେଉଁ ସବୁ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ ।



କମ ବୟସରେ ମୋଟାପଣ, ହୃଦଘାତ, ମଧୁମେହ, କର୍କଟ ଓ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏସବୁ ସମସ୍ୟାଠାରୁ ଦୂରେଇ ସୁସ୍ଥ ଓ ଦୀର୍ଘ ଜୀବନ ଜୀଇବାକୁ ହେଲେ ୩୦ ବର୍ଷ ପରେ ନିଜର ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ୩୦ ବର୍ଷ କିକି ଖାଦ୍ୟଠାରୁ ଦୂରେଇ ରହିବା ଜରୁରି ଓ କ'ଣ ଖାଇବା ଆବଶ୍ୟକ । ଏହାସବୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନ ।

## ଚିନି, ମିଠାଜାତୀୟ ଖାଦ୍ୟ:

ବୟସ ୩୦ ଛୁଇଁବା ମାତ୍ରେ ଯଥା ସମ୍ଭବ ଚିନି ସମ୍ପୂର୍ଣ୍ଣ ଛାଡ଼ି ଦେବା ଆବଶ୍ୟକ । ଚିନିର ବିକଳ୍ପ ଭାବେ ଗୁଡ ବ୍ୟବହାର କରିପାରିବେ । ସେହିପରି ମିଠା, ଚକୋଲେଟ୍, ଥଣ୍ଡା ପାନୀୟ ଆଦିରେ ବହୁ ମାତ୍ରାରେ ଚିନି ରହିଥାଏ । ତେଣୁ ଏହାର ବ୍ୟବହାର କମ କରିବା ଜରୁରି । ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ିଥାଏ । ଯାହା ଫଳରେ ମଧୁମେହ ବଢ଼ିଥାଏ । ଏହା ବ୍ୟତୀତ ମୋଟାପଣ ଓ ହାଡ଼ ସମସ୍ୟା ଦେଖା ଦେଇଥାଏ ।

## ଚା' ଓ କଫି କମ ପିଅନ୍ତୁ:

ପ୍ରାୟତଃ ଏହି ବୟସରେ ପହଞ୍ଚିବା ପରେ ଚା' ବା କଫିର ନିଶା ଧରିଯାଏ । ଚା' ଓ କଫିରେ କ୍ୟାଫିନ ରହିଥାଏ । ତେଣୁ ଦୀର୍ଘ ଦିନ ଧରି ପିଇବା ଦ୍ୱାରା ଅଭ୍ୟାସରେ ପଡ଼ିଯାଏ, ଯାହା ଶରୀର ଉପରେ କୁପ୍ରଭାବ ପକାଇଥାଏ । ସେହିପରି ଦୁଗ୍ଧ ଚା' ମଧ୍ୟ ବେଶ୍ କ୍ଷତିକାରକ । ଦୁଗ୍ଧ ଚାର' ପରିବର୍ତ୍ତେ ଗ୍ରୀନ ଟି' ବା ଲେମନ ଟି' ନେବା ଆବଶ୍ୟକ । ଦିନକୁ ୨ଥରରୁ ଅଧିକ ଚା' ପିଇବା ଅନୁଚିତ୍ । ଅଧିକ ଚା' ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ, ମାଇଗ୍ରେନ, ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ ଓ ବଦହଜମୀ ଆଦି ଦେଖା ଦେଇଥାଏ ।



## ବାହାର ଖାଦ୍ୟ କମାନ୍ତୁ:



ପ୍ରାୟଲୋକଙ୍କୁ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ବେଶି ସୁଆଦିଆ ଲାଗିଥାଏ । କିନ୍ତୁ ବାସ୍ତବତା ହେଲା ବାହାର ମିଳୁଥିବା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ରେସ୍ତୋଁରା ମିଳୁଥିବା ଖାଦ୍ୟରେ ଅଧିକ ତେଲ ମସଲା ଓ କେମିକାଲ ଯୁକ୍ତ ଫ୍ଲେବର ବ୍ୟବହାର କରାଯାଇଥା, । ତେଣୁ ୩୦ ବର୍ଷ ହେବା ପରେ ବାହାରର ଏହି ସବୁ ଖାଦ୍ୟ ଖାଇବା କମ କରି ଦେବା ବହୁତ ଜରୁରି । ବରଂ ଘରେ ତିଆରି ଖାଦ୍ୟ ପ୍ରତି ଗୁରୁତ୍ୱ ବଢ଼ାଇବା ଦରକାରୀ ଯାହା ଫଳରେ କର୍କଟ ଓ କୋଲେଷ୍ଟେରଲ ବଢ଼ିବାର ସମ୍ଭାବନା କମ ରହିଥାଏ ।

## ମଦ୍ୟପାନ ଆଦୌ ନୁହେଁ:

ବୟସ ୩୦ ଟପିଲେ ଆପଣ ଘର ଓ କର୍ମକ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ନ୍ତି । ଏହି ବୟସରେ ମାନସିକ ଚାପ ଓ ଚିନ୍ତାଠାରୁ ଦୂରେଇବାକୁ ଯାଇ ବହୁ ଲୋକ ମଦ୍ୟପାନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଜାଣନ୍ତି ୩୦ ବର୍ଷ ପରେ କିଡନୀ ଓ ଲିଭରର କ୍ଷମତା ଧୀରେ ଧୀରେ କମ ହୋଇଥାଏ । ତେଣୁ ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆବଶ୍ୟକ । ନଚେତ ମଦ୍ୟପାନ କରିବା ଦ୍ୱାରା ଆପରଙ୍କ ଲିଭର ଓ କିଡନୀ ଖରାପ ହେବାର ସମ୍ଭାବନା ବଢ଼ିଯାଇଥାଏ । କେବଳ ସେତିକି ନୁହେଁ, ମଦ୍ୟପାନ ମୋଟାପଣ, ମଧୁମେହ ଓ ଅନ୍ୟ କେତେକ ରୋଗକୁ ମଧ ଡାକି ଆଣିଥାଏ ।

## ଶରୀରରେ ଫାଇବରର ମାତ୍ରା ବଢ଼ାନ୍ତୁ:

ଯଦି ୩୦ ବର୍ଷ ପରେ ଆପଣ ସୁସ୍ଥ ଅଛନ୍ତି, ତେବେ ଖାଦ୍ୟରେ ଏତେଟା ନିୟନ୍ତ୍ରଣ ଆବଶ୍ୟକ ହୋଇ ନଥାଏ । କିନ୍ତୁ ସାମାନ୍ୟତମ ନିୟମନ୍ତ୍ରଣରେ ରହିଲେ ଆହୁରି ଅଧିକ ଦିନ ସୁସ୍ଥ ରହିପାରିବେ । ତେଣୁ ବୟସ ଅନୁସାରେ ଖାଦ୍ୟରେ ପରିବର୍ତ୍ତନ ଆଣିବା ଜରୁରି । ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ଦରକାର । ସତେଜ ପନିପରିବା, ଶାଗ ଓ ବିଭିନ୍ନ ରଙ୍ଗର ପରିବା ଖାଇବା ଆବଶ୍ୟକ । ପୂର୍ବରୁ ଖାଉଥିବା କର୍ବୋହାଇଡ୍ରେଟର ମାତ୍ରାକୁ କମ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର । ସେହିପରି ସାଚ୍ୟୁରେଟେଡ୍ ଫ୍ୟାଟ୍ ଓ ତେଲ ଯଥାସମ୍ଭବ କମ ବ୍ୟବହାର କରିବା ଭଲ । ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ । ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ । ମିକ୍ସ ଅଟା ଅର୍ଥାତ୍ ମକା, ବାହାର ଓ ଚଣାର ସମିଶ୍ରଣ ।

## ଆମିଷ କମ ଖାଆନ୍ତୁ:

ଯଦି ଆପଣ ଆମିଷ ଖାଇବାକୁ ପସନ୍ଦ କରୁଥାନ୍ତି, ତେବେ ୩୦ ବର୍ଷ ପରେ ଏହି ମାତ୍ରାକୁ ସାମାନ୍ୟ କମ କରିବା ଦରକାର । କାରଣ ମାଂସ ଖୁବ ବଗରିଷ୍ଠ ଖାନ୍ୟ, ଯାହାକୁ ହଜମ କରିବା ଖୁବ କଷ୍ଟ ସେହିପରି ରେଡ୍ ମିଟ୍ ଓ ପ୍ରୋସେସ ମିଟ୍ ଅଧିକ ଖାଇବା ଦ୍ୱାରା କେତେକ ରୋଗର ସମ୍ଭାବନା ବଢ଼ିଥା, । କିନ୍ତୁ ମାଛ ଖାଇପାରିବେ । ଏହି ବୟସରେ ଅଧିକରୁ ଅଧିକ ପନିପରିବା, ଫଳମୂଳ ଓ ଡ୍ରାଏଫୁଡ୍ସ ଆଦି ଖାଇବା ଜରୁରି ।

## କଫି କ୍ରୀମର

ଆମ ମାନଙ୍କ ଧାରଣା ରହିଛି ଯେ କଫି କ୍ରୀମ ଖୁବ ସାଧାରଣ ଜିନିଷ । ମାତ୍ର ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ ଏବଂ ଅଲଟ୍ରାଭାଓଲେଟ୍ ରେଡିଏସନ ବ୍ଲକର ରହିଛି । କଫି କ୍ରିମ ଆମ ଲିଭର ଓ ଟିସୁକୁ ପଷ୍ଟ କରିବାରେ ସହଯୋଗ କରିଥାଏ । ଏହା ଟ୍ରାନ୍ସ ଫ୍ୟାଟ୍ ସହିତ ପ୍ୟାକ୍ କରାଯାଇଥାଏ । ଯେଉଁଥିରେ ହାଇଡ୍ରୋଜେନଡ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ ବୟସ୍କଙ୍କଠାରେ ସ୍ମୃତି ଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ ।

## ବିଶେଷ ଧ୍ୟାନ ଦିଅନ୍ତୁ

କୁହାଯାଏ କ୍ଷୀର ଶରୀର ପାଇଁ ବହୁତ ଜରୁରି କିନ୍ତୁ ୩୦ ବର୍ଷ ପରେ ପ୍ୟାକେଟ କ୍ଷୀର ଓ କ୍ଷୀରରୁ ତିଆରି ଅନ୍ୟ ଖାଦ୍ୟ ସମାଗ୍ରୀ ଯଥା ପନୀର, ଦହି, ଆଦି ଖାଇବା କମ କରିବା ଦରକାର । କ୍ୟାଲସିୟମର ଅଧିକ ଫଳ ଓ ପନିପରିବା ଖାଇବା ଆବଶ୍ୟକ ।

## ମଇଦାଠାରୁ ଦୂରାନ୍ତୁ:

ବୟସ ୩୦ ଟପିଲେ ମଇଦା ତିଆରି ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ । ଆଜିକାଲି ବଜାରରେ ମିଳୁଥିବା ଅଧିକାଂଶ ଖାଦ୍ୟ ମଇଦାରେ ପ୍ରସ୍ତୁତ ହୋଇଥା, । ଯାହା ହଜମ ହେବା ସହଜ ହୋଇ ନଥାଏ । ସେହିପରି ଭାରତର ଅଧିକାଂଶ ଭାଗରେ ରୁଟି ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣୀୟ । ଏପରିକି ଆପଣଙ୍କ ଘରେ ମଧ୍ୟ ରୁଟି ବ୍ୟବହାର କରୁଥିବେ । ମାତ୍ର ଖାଲି ଅଟା ପରିବର୍ତ୍ତେ ମିକ୍ସ ଅଟାର ବ୍ୟବହାର କରିବା ଭଲ । ମିକ୍ସ ଅଟା ଅର୍ଥାତ୍ ମକା, ବାଜରା ଓ ଚଣାର ସମିଶ୍ରଣ । ମିକ୍ସ ଅଟା ଖାଇବା ଦ୍ୱାରା ମଧୁମେହ ଓ ମୋଟାପଣ ସମସ୍ୟା କମ ହୋଇଥାଏ ।

## ମହିଳାଙ୍କ ଡାଏଟ୍:

୩୦ବର୍ଷ ପରେ ମହିଳାମାନେ ବିଶେଷ କରି ଡାଏଟ୍ ପ୍ଲାନକ୍ଷେତ୍ରରେ ବେଶି ଯତ୍ନଶୀଳ ହେବା ଉଚିତ । କାରଣ ଏହି ବୟସରେ ମହିଳାମାନେ ସୁସ୍ଥ ରହିବା ସହ ମୋଟା ହେବାରୁ ନିଜକୁ ରକ୍ଷା କରିବା ଆବଶ୍ୟକ । ତେଣୁ ସେମାନେ ଡାଏଟର କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରି ।

## ସୁଗାର ଫ୍ରି ଖାଦ୍ୟ:

ବୟସ ୩୦ ହେବା ବେଳକୁ ପ୍ରାୟ ଲୋକ ସାମାନ୍ୟଠାରୁ ଟିକେ ମୋଟା ହୋଇଯାଇଥାନ୍ତି । ଏହା ହୁଏତ ଆପଣଙ୍କ ଲିଭର ଠିକ୍ ଭାବରେ କାମ କରୁନଥିବାର ସଙ୍କେତ ହୋଇପାରେ । ତେଣୁ ଏହି ସମୟରେ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ରଖିବା ପାଇଁ କୃତ୍ରିମ ମିଠା ଭଳି ବିଷାକ୍ତ ପଦାର୍ଥଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନକଲି ମିଠା ଖାଦ୍ୟ ଠାରୁ ଦୂରେଇବା ଜରୁରି । ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।

# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଭେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ । ଏପରି ହେଲେ ପିତଉକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି। ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଧିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

# ଗୋଲଘରର କାହାଣୀ

ଭାରତ ଉପରେ ଇଂରେଜମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ଏ ସମୟରେ ଭାରତ ଯେଉଁଠି ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିଥିଲା, ସେଠାରେ ଇଂରେଜମାନେ କିଛି ଐତିହାସିକ କାର୍ଯ୍ୟ କରିଥିଲେ । ଏମିତି ଏକ କାର୍ଯ୍ୟର ଉଦାହରଣ ରହିଛି ବିହାରର ପାଟନା ସହରରେ । ଏଠାରେ ତତ୍କାଳୀନ ବ୍ରିଟିଶ ସରକାର ୧୭୭୦ରେ ପଡ଼ିଥିବା ଭୟଙ୍କର ଅକାଳରୁ ରକ୍ଷା ପାଇବାକୁ ଏକ ଗୋଲଘରର ନିର୍ମାଣ କରିଥିଲେ । ଏହି ଗୋଲଘର ନିର୍ମାଣ ସେତେବେଳେହୋଇଥିଲା ଯେତେବେଳେ ଭାରତରେ ଲକ୍ଷ ଲକ୍ଷ ନାଗରିକ ଭୟାନକ ମରୁଡ଼ିର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଥିଲେ । ୨୯ ମିଟର ଉଚ୍ଚ ଏହି ଗୋଲଘରର ନିର୍ମାଣ ଗଭର୍ଣ୍ଣର ଜେନେରାଲ ୱାରେନ ହାଷ୍ଟିଙ୍ଗସଙ୍କ ନିର୍ଦ୍ଦୋଷରେ କ୍ୟାପଟେନ ଜନ ଗାର୍ଷ୍ଟିନ କରିଥିଲେ । ଏହାର ନିର୍ମାଣ ୧୭୮୪ରେ ଆରମ୍ଭ ହୋଇ ୧୭୮୬ରେ ଶେଷ ହୋଇଥିଲା ।

# ୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା--ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରେ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧ୍ୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା। ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ୍ୟ ଜଣାପଡ଼ିଲା । ଅଧ୍ୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

# ମହିଳାଙ୍କ ଅଭିଶାପ କାରଣରୁ କୌଣସି ଘରେ ନାହିଁ ଦ୍ୱିତୀୟ ମହଲା




ରାଜସ୍ଥାନର ଚୁରୁସ୍ଥିତ ଉହସ୬ର ନାମକ ଏକ ଗାଁ ଯାହା ଆଜି ବି ଚର୍ଚ୍ଚାରେ । ବଡ଼କଥା ହେଉଛି ଏହି ଗାଁ ରେ କୌଣସି ବ୍ୟକ୍ତିଙ୍କର ଘରେ ଦ୍ୱିତୀୟ ମହଲା ନାହିଁ । ଆଉ ଏହା ପଛର କାରଣ ହେଉଛି ଜଣେ ମହିଳାଙ୍କ ଅଭିଶାପ । ୭୦୦ ବର୍ଷ ପୁରୁଣା ଏହି ଗାଁକୁ ଆଜି ବି ବାହର ରାଜ୍ୟର ଲୋକେ ବୁଲିବାକୁ ଆସିଥାନ୍ତି । ସୂଚନା ଅନୁସାରେ ୭୦୦ବର୍ଷ ତଳେ ଏହି ଗାଁରେ ଭୋମିୟା ନାକ ଜଣେ ବ୍ୟକ୍ତି ରହୁଥିଲେ । ଥରେ ଗାଁ କୁ କିଛି ଚୋର ପ୍ରବେଶ କରି ପଶୁମାନଙ୍କୁ ଚୋରି କରିବା ଆମ୍ଭ କରିଥିଲେ । ଭୋମିୟା ଏହି ଚୋର ମାନଙ୍କୁ ରୋକିବାର ଚେଷ୍ଟା କରି ଗୁରୁତର ଆହତ ହୋଇଥିଲେ । ପରେ ସେ ଲୁଚି ନିଜ ଶଶୁର ଘରକୁ ପଳାଇଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଇଥିଲେ । ଯେତେବେଳେ ଏହି ଚୋରମାନେ ତାଙ୍କ ଶଶୁର ଘରେ ପହଞ୍ଚି ଅନ୍ୟମାନଙ୍କୁ ପିଟିବା ଆରମ୍ଭ କଲେ ସେତେବେଳେ ଶଶୁର ଘର ଲୋକେ ଭୋମିୟା ଉପରମହଲାରେ ଥିବା କହିଥିଲେ । ଚୋରମାନେ ଭୋମିୟାଙ୍କ ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲେ । ଭୋମିୟା ହାର ମାନିଥିଲେ କଟାମୁଣ୍ଡକୁ ଧରି ସେ ଉଡସର ଗ୍ରାମକୁ ଆସିଥିଲେ । ଆଉ ଗ୍ରାମରେ ତାଙ୍କର ମୃତ୍ୟୁ ହୋଇଥିଲା । ଭୋମିୟାଙ୍କ ପତ୍ନୀ ଏହାପରେ ଗ୍ରାମକୁ ଅଭିଶାପ ଦେଇ କହିଥିଲେ ଯେ, ଆଜିଠାରୁ ଗ୍ରାମରେ କୌଣସି ବ୍ୟକ୍ତି ନିଜ ଘରେ ଦ୍ୱିତୀୟ ମହଲା କରିବେ ନାହିଁ । ପରେ ସେ ସତୀ ହୋଇଯାଇଥିଲେ । ସେବେଠାରୁ ଆଜିପର୍ଯ୍ୟନ୍ତ ଗ୍ରାମରେ କେହି ଦ୍ୱିତୀୟ ମହଲା କରିନାହାଁନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୪
୨୭ ଅକ୍ଟୋବର ୨୦୨୧, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦେଶ ଆଗ...

ବିଶ୍ୱର ଦୁଇ ଶହରୁ ଅଧିକ ଦେଶ ଏବେସୁଦ୍ଧା କରୋନା ମହାମାରୀ ଦ୍ୱାରା ସମଧିକ ଆକ୍ରାନ୍ତ ରହିଛି । ଦୁଇ ଲହର ସଂକ୍ରମଣ ପରେ ସୁଦ୍ଧା ସବୁ ଦେଶ ସଂକ୍ରମଣରୁ ପୂରାମାତ୍ରାରେ ମୁକ୍ତ ହୋଇପାରିବା ପରିପ୍ରେକ୍ଷୀରେ ବ୍ୟାପକ ଟିକାକରଣ ନେଇ ଭାରତର କଥିତ ସଫଳତା ସମ୍ପର୍କରେ ଯାହା କୁହାଯାଉଛି, ସେ ସମ୍ପର୍କରେ କେତେକ ମହଲ ସନ୍ଦେହ ପ୍ରକଟ କରିବା ଜନମତକୁ ଭ୍ରମିତ କରିବାରେ ଲାଗିଛି । ହିସାବ ଦେଖାଇ ସମାଲୋଚକ କହୁଛନ୍ତି କି, ଦେଶରେ ଦୁଇ କିସମର ପ୍ରତିଷେଧକ ଟିକାର ଉତ୍ପାଦନକାରୀଙ୍କ କ୍ଷମତା ଯାହା, ଯେତେ ଯାହା କଲେ ସୁଦ୍ଧା କୌଣସିମତେ ଦେଶର ଜନସଂଖ୍ୟାର ଅର୍ଦ୍ଧାଧିକ ଟିକା ନେଇପାରିନଥିବେ । ଦେଶର ସମୁଦାୟ ଜନସଂଖ୍ୟା ଶହେତିରିଶି କୋଟି ଧରାଗଲେ ଏବେ ଅକ୍ଟୋବର ମଝାମଝି କିଭଳି ଶହେକୋଟି ଲୋକ ପ୍ରତିଷେଧକ ଗ୍ରହଣ କରିସାରିଲେଣି ବୋଲି କରାଯାଉଥିବା ଦାବିକୁ ସରକାରୀ ଭାବେ ଯୁଗାନ୍ତକାରୀ ସଫଳତା ବୋଲି ତଥ୍ୟ ଦିଆଯାଇ କୁହାଯାଉଥିଲେ ସୁଦ୍ଧା, ତାହା ସମାଲୋଚକମାନଙ୍କୁ ସନ୍ତୁଷ୍ଟ କରୁନାହିଁ । କେତେକ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ବିରୋଧୀ ଦଳର ନେତାମାନେ କଥିତ ସମାଲୋଚକଙ୍କ ସହ ସ୍ୱର ମିଳାଇଥିବା ଗଣମାଧ୍ୟମରେ ପ୍ରଚାରିତ ହେଉଛି । ଜନମତ ଉପରେ ଏହାର ନଗଦ ପ୍ରତିକୂଳ ପ୍ରଭାବ ଅବଶ୍ୟ ପଡୁଛି । ଏହା ଭିତରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଜଣାଇଛନ୍ତି, ଆମ ଦେଶରେ କରୋନା ବିରୋଧୀ ଲଢ଼େଇ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିସାରିଛି । ଏମିତି କୌଣସି ଦେଶ ନାହିଁ, ଯେଉଁଠି ଶହେକୋଟି ଜନସଂଖ୍ୟା ପ୍ରତିଷେଧକ-ଟିକା ବଳୟକୁ ଆସିପାରିଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଏହି ଦୃଢ଼ମତ ପ୍ରକାଶର ପୃଷ୍ଠଭୂମି ପଛରେ ଯେଉଁ କାରଣ ନିହିତ ତାହା ଦେଶବାସୀ ଜାଣନ୍ତି । ସହର, ଗ୍ରାମାଞ୍ଚଳ ସବୁଠି କିଭଳି ସରକାର କ୍ୟାମ୍ପ କରି ଟିକାକରଣ ଅଭିଯାନକୁ ସଫଳ କରିଛନ୍ତି, ତାହା ଦେଶ ଦେଖୁଛି । ଅବଶ୍ୟ କେନ୍ଦ୍ର ପକ୍ଷର କେତେକ ରାଜ୍ୟକୁ ଟିକା ଯୋଗାଣରେ ସାମୟିକ ସମସ୍ୟା ଉପୁଜିଥିଲେ ସୁଦ୍ଧା ସେଗୁଡ଼ିକର ତୁରନ୍ତ ନିରାକରଣ କରାଯାଇଛି । କିନ୍ତୁ ଓଡ଼ିଶା ଓ ଦିଲ୍ଲୀ ସମେତ କିଛି ରାଜ୍ୟ ପକ୍ଷରୁ ଆପଣା ପ୍ରୟାସ କ୍ରମେ କୋଭାକ୍ସିନ ଓ କୋଭିସିଲଡ ଟିକା ପ୍ରୟୋଗ ନେଇ ତ୍ୱରାନ୍ୱିତ ପଦକ୍ଷେପ ପ୍ରକ୍ରିୟାକୁ ଆଗେଇ ନେବାରେ ସହାୟକ ହୋଇଛି । ଟିକା ମହଜୁଦ ଓ ଯୋଗାଣ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ କିଛିଟା ଅନାବଶ୍ୟକ କନ୍ଦଳ କରିଥିଲେ ସୁଦ୍ଧା ସାମଗ୍ରିକ ଦୃଷ୍ଟିରୁ ଦେଖାଗଲେ ବୃହତ୍ ଜାତୀୟ ସାର୍ଥ ଆଗରେ ତାହା ସେତେଟା ବାଧକ ହୋଇ ଛିଡ଼ା ହୋଇନାହିଁ । କାରଣ, ସମସ୍ତଙ୍କ ସାମ୍ନାରେ ମହାମାରୀର ମୁକାବିଲା ପ୍ରମୁଖ ଓ ଅଗ୍ରପ୍ରଧାନ ପ୍ରଶ୍ନ ଥିଲା ଓ ରହିଛି । କେନ୍ଦ୍ର ଓ ରାଜ୍ୟ ସମୂହ ଭିତରେ ସମନ୍ୱୟ ରକ୍ଷାପୂର୍ବକ କେତେ କ'ଣ କାର୍ଯ୍ୟ ହୋଇଛି, ତାହା ତର୍ଜମାର ଅପେକ୍ଷା ରଖେ। ଦୁଇବର୍ଷ ହେଲା କରୋନା ସଂକ୍ରମଣ ବିଶ୍ୱବାସୀଙ୍କୁ ଛଟପଟ କରିଥିବା ସମୟରେ ଆମେରିକା, ବ୍ରିଟେନ ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରରେ ତାହା ଅଧିକ ଉତ୍କଟ ରୂପ ଧରି ଉଙ୍କି ମାରୁଥିବାର ଭୟ ଭିତରେ ଆରମ୍ଭ ହୋଇଯାଇଛି ତୃତୀୟ ବୁଷ୍ଟର ଡୋଜ୍ । ନିଜେ ମାର୍କିନ୍ ପ୍ରେସିଡେଣ୍ଟ ଜୋ' ବାଇଡେନ୍ ବୁଷ୍ଟର ଡୋଜ୍ ଗ୍ରହଣ କରିଥିବା ତାହାର ତଟକା ପ୍ରମାଣ । ଦୁଇ ଦୁଇଥର ପ୍ରତିଷେଧକ ନେଲା ପରେ ସୁଦ୍ଧା ସଂକ୍ରମଣଜନିତ ମୃତ୍ୟୁ ଘଟୁଥିବା ହେତୁ ବୁଷ୍ଟର ଡୋଜ୍ କାଳେ ସୁରକ୍ଷା ଦେବ, ସେହି ଆଶାରେ ନୂତନ ପ୍ରୟୋଗ କରାଯାଉଥିବା ସମ୍ଭବ । ଆମ ଦେଶରେ ଦୁଇଥର ଟିକା ନେବା ପରେ ସୁଦ୍ଧା ମଧ୍ୟବୟସ୍କ ଓ ବରିଷ୍ଠ ନାଗରିକଙ୍କର ମୃତ୍ୟୁ ବନ୍ଦ ହୋଇନାହିଁ । ତାହା ତୃତୀୟ ଲହର ହେଉ କି ଅନ୍ୟ ଯାହା ହେଉ, ବିପତ୍ତି କେଉଁଭଳି ଆସୁଛି, ତାହା କାହାରି କଳନା ଭିତରେ ଆସୁନାହିଁ । ତାହାରି ଭିତରେ ଅଣ-କୋଭିଡ ରୋଗୀଙ୍କ ପ୍ରତି ଅବହେଳା ସବୁଠି ଦେଖାଯାଉଛି ଜଳଜଳ । ଅସଲରେ କରୋନା ଚିକିତ୍ସା ଭଳି ବ୍ୟୟସାଧ୍ୟ ଉପଚାର ପାଇଁ ସରକାର ବହୁତ କିଛି କରୁଥିବାର କୁହାଯାଉଥିଲେ ମଧ୍ୟ ଅଣ-କୋଭିଡ୍ ବ୍ୟାଧିଗ୍ରସ୍ତଙ୍କୁ ଅଣଦେଖା କରାଯିବା ସାମାନ୍ୟ ଅପରାଧରେ ଯାଉନାହିଁ । ସୁତରାଂ, ଜନକଲ୍ୟାଣ ରାଷ୍ଟ୍ରୀୟ ବ୍ୟବସ୍ଥାରେ ସମାଜର ସମସ୍ତଙ୍କୁ ଆବଶ୍ୟକ ସର୍ବନିମ୍ନ ସେବା ଯୋଗାଣ ମୌଳିକ ଅଧିକାର । ଦେଶ ଓ ରାଜ୍ୟଗୁଡ଼ିକ ବାସ୍ତବରେ ତାହା ଅନୁପାଳନ କରୁଛନ୍ତି ବୋଲି କୁହାଯାଉଛି । ମାତ୍ର ବାସ୍ତବତାକୁ ଦେଖିଲେ ନିରାଶ ହେବାକୁ ପଡ଼ିଥାଏ । ସର୍ବନିମ୍ନ ଅଧିକାର ପାଇଁ ବିଭିନ୍ନ ଫୋରମର ଦ୍ୱାରସ୍ଥ ହୋଇ ନାଗରିକମାନେ ସନ୍ତୁଷ୍ଟ କି ? ଅସନ୍ତୁଷ୍ଟ ଅଛନ୍ତି, ତାହାର ପ୍ରମାଣ ରହିଛି ହାତେ ହାତେ । ସୁତରାଂ, କୋଭିଡ ଭଳି ଅଭୂତପୂର୍ବ ମହାମାରୀ ଆସିବା ପରେ ଉତ୍କଟ ସ୍ଥିତିର ମୁକାବିଲା ପାଇଁ ସବୁ ସ୍ତରରେ ତତ୍ପରତା ବୃହତ୍ ରାଷ୍ଟ୍ରୀୟ ସ୍ୱାର୍ଥରେ ଅବଶ୍ୟ କରଣୀୟ।

## ପୁଣି ଖୋଜାପଡ଼ିଲେ ଗାନ୍ଧୀ



**ଗୋପାଳ ମହାପାତ୍ର**

ବିଧାୟକ ଦାମୋଦର ସାବରକରଙ୍କୁ ନେଇ ଏବେ ଦେଶରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସପକ୍ଷବାଦୀ ଓ ବିପକ୍ଷବାଦୀମାନେ ଭିନ୍ନ ଭିନ୍ନ ମତ ଦେଉଛନ୍ତି ଓ ଭିନ୍ନ ଭିନ୍ନ ତଥ୍ୟ ପ୍ରଦାନ କରୁଛନ୍ତି। ଉଦୟ ମାହୁରକର ଓ ଚିରାୟୁ ପଣ୍ଡିତଙ୍କ ଲିଖିତ ପୁସ୍ତକ 'ବୀର ସାବରକର ଦି ମ୍ୟାନ୍ ହୁ କୁଡ୍ ହାଭ ପ୍ରିଭେଣ୍ଟେଡ୍ ପାର୍ଟିସନ୍'ର ଉନ୍ମୋଚନ କାର୍ଯ୍ୟକ୍ରମରେ ଦେଶର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ବୟାନକୁ ନେଇ ଚାଲିଛି ଚର୍ଚ୍ଚା। ପୁସ୍ତକ ବିମୋଚନ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ ମୋହନ ଭାଗବତ ମଧ୍ୟ ଉପସ୍ଥିତ ଥିଲେ। ରାଜନାଥ ସିଂହ କହିଥିଲେ ଯେ, 'ସାବରକରଙ୍କ ବିରୁଦ୍ଧରେ ଭ୍ରମ ସୃଷ୍ଟି କରାଯାଉଛି ଓ କୁହାଯାଉଛି ସାବରକର ଇଂରେଜମାନଙ୍କୁ ବାରମ୍ବାର କ୍ଷମାଯାଚନା କରିଥିଲେ। କିନ୍ତୁ ପ୍ରକୃତ କଥା ହେଉଛି ସାବରକର ନିଜ ପାଇଁ କ୍ଷମାଯାଚିକା ଦେଇନଥିଲେ। ସେ ମହାତ୍ମାଗାନ୍ଧୀଙ୍କ ପରାମର୍ଶକ୍ରମେ ସେ ଇଂରେଜମାନଙ୍କ ନିକଟକୁ କ୍ଷମାଯାଚିକା ପଠାଇଥିଲେ।' ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୋହନ ଭାଗବତ ତାଙ୍କୁ ସ୍ୱାଧୀନତା ସଂଗ୍ରାମର ମହାନାୟକ ବୋଲି ଅଭିହିତ କରିଥିଲେ। ରାଜନାଥ ଓ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଏ ଦେଶର ଐତିହାସିକ, ବୁଦ୍ଧିଜୀବିମାନେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ରାଜନାଥ ଏକଥା ମଧ୍ୟ କହିଥିଲେ ଯେ, ଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନ ପାଇଁ ସାବରକରଙ୍କ ଭୂମିକାକୁ ସ୍ୱୀକାର କରୁଥିଲେ। କିନ୍ତୁ ରାଜନାଥ ସିଂହ ଓ ମୋହନ ଭାଗବତ ଏଭଳି କହିବା ଓ ସାବରକରଙ୍କୁ ମହିମାମଣ୍ଡିତ କରିବାବେଳେ କୌଣସି ସଠିକ୍ ତଥ୍ୟଗତ ପ୍ରମାଣ ଦେଇ ପାରିନଥିଲେ। ଗାନ୍ଧୀ ସାବରକରଙ୍କୁ କ୍ଷମାଯାଚନା ପାଇଁ ପରାମର୍ଶ ଦେଇଥିବାର ପ୍ରମାଣ ପୁସ୍ତକ ବିମୋଚନ ବେଳେ ଦେଇପାରିନଥିଲେ କି ଏଯାବତ୍ ସାବରକରଙ୍କୁ ସମର୍ଥନ କରୁଥିବାବେଳେ ଦେଇ ପାରୁନାହାଁନ୍ତି।

ସବୁଠାରୁ ମୁଖ୍ୟ କଥା ହେଉଛି ସାବରକରଙ୍କୁ ଆଜୀବନ ଜେଲଦଣ୍ଡ ହୋଇଥିଲା ଓ ତାଙ୍କୁ ଇଂରେଜ ସରକାର ୧୯୧୧ ମସିହା ଜୁଲାଇ ମାସ ୪ ତାରିଖରେ ତାଙ୍କୁ ସେଲୁଲାର ଜେଲକୁ ପଠାଇ ଦେଇଥିଲେ। ଏହାପରେ ୧୯୧୩ ମସିହା ନଭେମ୍ବର ୧୪ତାରିଖରେ ସାବରକର ଇଂରେଜ ସରକାରଙ୍କ ପାଖକୁ ଦୟାଯାଚିକା ପଠାଇଥିଲେ। ଏହି ଦସ୍ତବିଜ୍ ବାବଦରେ ସମସ୍ତେ ଜାଣନ୍ତି। ଏହାର ୬ମାସ ପୂର୍ବରୁ ମଧ୍ୟ ସାବରକର ତାଙ୍କୁ ଜେଲରୁ ମୁକ୍ତି ଦେବା ପାଇଁ ଇଂରେଜ ସରକାରଙ୍କୁ ଅନୁରୋଧ କରିଥିଲେ ବୋଲି ୧୯୧୩ ମସିହା ନଭେମ୍ବର ୧୪ର ଦୟାଯାଚିକାରେ ଉଲ୍ଲେଖ କରିଛନ୍ତି। ସାବରକର ଇଂରେଜ ସରକାରଙ୍କୁ ୬ଥର ଦୟାଯାଚିକା ଲେଖିଥିଲେ। ଅନ୍ୟପକ୍ଷରେ ମହାତ୍ମା ଗାନ୍ଧୀ ୧୯୧୫ ମସିହା ଜାନୁୟାରୀ ୯ତାରିଖରେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥିଲେ। ଏଣୁ ଏସବୁରୁ ସ୍ପଷ୍ଟ ଯେ, ସାବରକରଙ୍କ ଏହି ଯାଚିକା ପଛରେ ଗାନ୍ଧୀଙ୍କ ପ୍ରେରଣା ବା ପରାମର୍ଶ ନଥିଲା। ଏକଥା ସତ୍ୟ ଯେ, ଗାନ୍ଧୀ ସାବରକରଙ୍କୁ ଜାଣିଥିଲେ ଓ ଲଣ୍ଡନରେ ସାବରକର ଗାନ୍ଧୀଙ୍କୁ ଭେଟିଥିଲେ। ଇଂରେଜ ସରକାର ଶହ ଶହ କ୍ରାନ୍ତିକାରୀଙ୍କୁ ଆଣ୍ଡାମାନ ଜେଲକୁ ପଠାଇଥିଲେ। ଭଗତ ସିଂହଙ୍କ ସମେତ ଅନେକ କ୍ରାନ୍ତିକାରୀ ଇଂରେଜ ଶାସକଙ୍କୁ କ୍ଷମା ମାଗିବା ପରିବର୍ତ୍ତେ ଫାଶି ଖୁଣ୍ଟରେ ଝୁଲିବାକୁ ଅଧିକ ପସନ୍ଦ କରିଥିଲେ। ତେବେ ସାବରକର ଇଂରେଜ ସରକାରଙ୍କୁ ଦୟାଯାଚିକା (କ୍ଷମା ଭିକ୍ଷା କରି ଇଂରେଜ ଶାସକଙ୍କୁ ସମର୍ଥନ କରିବାର ସର୍ତ୍ତ ରଖି) ଆବେଦନ କରିଥିଲେ କାହିଁକି? ଏହାର ଅର୍ଥ ହେଉଛି ଗାନ୍ଧୀଙ୍କ ନାମ ନେଇ ଏକ ମିଛକୁ ସତ ବୋଲି ସାବ୍ୟସ୍ତ କରିବାକୁ କିଛି ଲୋକ ଚାହୁଁଛନ୍ତି। ଇଂରେଜମାନଙ୍କ ବିରୁଦ୍ଧରେ ଆନ୍ଦୋଳନକାରୀମାନେ ଅନେକ ନିର୍ଯାତନା ସହିଛନ୍ତି ଏପରିକି ମୃତ୍ୟୁବରଣ କରିଛନ୍ତି। ସେଭଳି ସମୟରେ ଇଂରେଜମାନଙ୍କୁ କ୍ଷମା ମାଗିବା ଓ ଇଂରେଜ ବିରୋଧୀ ଆନ୍ଦୋଳନରେ ସାମିଲ ନହେବାର ସର୍ତ୍ତ ରଖି ଜେଲରୁ ମୁକୁଳିଥିବା ନେତାଙ୍କୁ ରାଷ୍ଟ୍ରୀୟ ଆଦର୍ଶ ବୋଲି କୁହାଯିବ କେମିତି? ଏହା ହିଟଲରଙ୍କ 'ବିଗ୍ ଲାଇ' ସିଦ୍ଧାନ୍ତ ଭଳି।

ସାବରକରଙ୍କ ନେତୃତ୍ୱାଧୀନ ହିନ୍ଦୁ ମହାସଭା ଇଂରେଜ ଶାସନ ବିରୁଦ୍ଧରେ ଲଢେଇ କରିବା ପରିବର୍ତ୍ତେ ଲଢେଇକୁ ଦୁର୍ବଳ କରି ଦେଇଥିବାର ଅନେକ ତଥ୍ୟ ପ୍ରମାଣ ରହିଛି। ଇଂରେଜ ଶାସନଙ୍କ ବିରୁଦ୍ଧରେ ଲଢେଇକୁ ଦୁର୍ବଳ କରିବାର ଚେଷ୍ଟା ଯେଉଁମାନେ କରୁଥିଲେ ସେମାନଙ୍କୁ ଯଦି ଦେଶପ୍ରେମୀ ବୋଲି କୁହାଯିବ ତେବେ ଇଂରେଜ ସରକାର ବିରୁଦ୍ଧରେ ଲଢେଇ କରୁଥିବା ଲୋକଙ୍କୁ କ'ଣ କୁହାଯିବ? ଭାରତର ବିଭାଜନର ଆଧାର, ହିନ୍ଦୁ ଓ ମୁସଲମାନମାନଙ୍କ ପାଇଁ ଅଲଗା ଅଲଗା ଦେଶର ଅବଧାରଣା ୧୯୩୫ରେ ପ୍ରସ୍ତୁତ କରାଯାଇଥିଲା। ସାବରକର ହିନ୍ଦୁ ମହାସଭାର ଅଧ୍ୟକ୍ଷୀୟ ଭାଷଣରେ ଏକଥା କହିଥିଲେ। ଏହାର କିଛି ବର୍ଷ ପରେ ମୁସଲିମ୍ ଲିଗ୍ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର କଥା ଉଠାଇଥିଲା। ଏ ହେଉଛି ଇତିହାସର ତଥ୍ୟ। ତଥ୍ୟ ଅନୁସାରେ ଆଣ୍ଡାମାନ ଜେଲରୁ ମୁକୁଳିବା ପରେ ସାବରକର କୌଣସି କ୍ରାନ୍ତିକାରୀ କାର୍ଯ୍ୟକଳାପରେ ସାମିଲ ହୋଇନଥିଲେ। ବୀର ସାବରକର ଦି ମ୍ୟାନ୍ ହୁ କୁଡ଼୍ ହାଭ ପ୍ରିଭେଣ୍ଟ ପାର୍ଟିସନ ପୁସ୍ତକର ନାମକରଣ ମଧ୍ୟ ବିବାଦୀୟ କାରଣ ସାବରକର ହେଉଛନ୍ତି ସେହି ବ୍ୟକ୍ତି ଯିଏ ହିନ୍ଦୁବାଦର ସିଦ୍ଧାନ୍ତ କଥା ପ୍ରଥମେ ଉଠାଇଥିଲେ। ଭାରତର ବିଭାଜନ ଏକ ଭୟାବହ ଘଟଣାକୁ ଜନ୍ମ ଦେଇଥିଲା। ହିନ୍ଦୁ-ମୁସଲମାନ ମାନଙ୍କ ମଧ୍ୟରେ ଭାଇଚାରା କଥା ଗାନ୍ଧୀ କହୁଥିବାବେଳେ ବୁନିଆଦି ସ୍ତରରେ ହିନ୍ଦୁ ଓ ମୁସଲମାନମାନଙ୍କୁ ଅଲଗା ଅଲଗା କରିବାରେ ସାବରକରଙ୍କର ଭୂମିକା ଅଧିକ ଥିଲା। ସାବରକରଙ୍କ ବିରୁଦ୍ଧରେ ସବୁଠାରୁ ଗୁରୁତର ଅଭିଯୋଗ ହୋଇଥିଲା ଯେ ସେ ଗାନ୍ଧୀଙ୍କ ହତ୍ୟା ଘଟଣାର ଷଡ଼ଯନ୍ତ୍ରକାରୀ। ସେ ଅଦାଲତରେ ଦୋଷମୁକ୍ତ ହୋଇଥିଲେ। କିନ୍ତୁ କପୁର କମିଶନ ତାଙ୍କ ରିପୋର୍ଟରେ ସାବରକରଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ ବୋଲି ଉଲ୍ଲେଖ କରି ନାହାଁନ୍ତି। ଏଣୁ ଏବେ ବି ସାବରକର ଦୋଷମୁକ୍ତ ନୁହଁନ୍ତି। ସାବରକରଙ୍କ ଏହି ଦାଗକୁ ଧୋଇବା ପାଇଁ ଏବେ ଉଦ୍ୟମ କରାଯାଉଛି ବୋଲି ଅନେକଙ୍କ ମତ। ୨୦୦୦ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସାବରକରଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ପାଇଁ ତତ୍କାଳୀନ ରାଷ୍ଟ୍ରପତି କେ.ଆର. ନାରାୟଣନଙ୍କ ପାଖକୁ ପ୍ରସ୍ତାବ ପଠାଇଥିଲେ କିନ୍ତୁ ରାଷ୍ଟ୍ରପତି ନାରାୟଣନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ।

ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ସାବରକରଙ୍କର ସନ୍ଦର୍ଭରେ ଏତେ ବର୍ଷ ପରେ ଗାନ୍ଧୀଙ୍କ ନାମକୁ ଟାଣିବାର କ'ଣ ଆବଶ୍ୟକତା ପଡ଼ିଲା? ପୁଣି ସେଇ ଗାନ୍ଧୀ ଯାହାଙ୍କ ହତ୍ୟା ଘଟଣାରେ ସାବରକର ସଂଶ୍ଲିଷ୍ଟ ଥିଲା ବୋଲି ଅଭିଯୋଗ ଉଠିଥିଲା ଓ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା। ସାବରକରଙ୍କ ଉପରେ ଯେଉଁ ଦାଗ ଲାଗିଛି ସେହି ଦାଗକୁ ଗାନ୍ଧୀ ହିଁ ଧୋଇ ପାରିବେ ବୋଲି ବୋଧହୁଏ ଆଶା କରୁଛନ୍ତି ସାବରକରଙ୍କ ପ୍ରଶଂସକମାନେ। ରାଜନାଥ ସିଂହଙ୍କ ବୟାନକୁ ଏହି ସନ୍ଦର୍ଭରେ ଦେଖାଯାଇପାରେ। କିନ୍ତୁ ବିଡ଼ମ୍ବନା ହେଉଛି ଯେଉଁ ଗାନ୍ଧୀଙ୍କ ବିଚାରକୁ ଏହି ସାବରକରବାଦୀମାନେ ପ୍ରତିଦିନ ତିଳତିଳ କରି ହତ୍ୟା କରୁଛନ୍ତି ଓ ଗାନ୍ଧୀଙ୍କୁ ପ୍ରତିଦିନ ଗାଳିକରୁଛନ୍ତି ସେଇମାନେ ଏବେ ସାବରକରଙ୍କର ଉଦ୍ଧାର ପାଇଁ ଗାନ୍ଧୀଙ୍କ ନାମ ନେଉଛନ୍ତି। ଏ ଘଟଣାରୁ ଗୋଟିଏ କଥା ସ୍ପଷ୍ଟ ଯେ, ଗାନ୍ଧୀ ଏବେ ବି ବଞ୍ଚିଛନ୍ତି। ବିଚାର ଯେ କୌଣସି ଧାରାର ହେଉ ଗାନ୍ଧୀଙ୍କ ଦେଶରେ ଗାନ୍ଧୀଙ୍କ ବିନା କିଛି କାମ ଚାଲିପାରିବ ନାହିଁ ଏହା ଦକ୍ଷିଣପନ୍ଥୀ ହେଉ ବା ବାମପନ୍ଥୀ ଅଥବା ଉଦାରପନ୍ଥୀ।

ବର୍ତ୍ତମାନର କେନ୍ଦ୍ର ସରକାର ଗାନ୍ଧୀଙ୍କୁ ସ୍ୱଚ୍ଛତା ଅଭିଯାନ ଭିତରେ ସୀମିତ କରି ରଖିଥିଲା। କିନ୍ତୁ ଏବେ ତାଙ୍କ ସହ ସମକକ୍ଷ କରାଯିବା ପାଇଁ ସାବରକରଙ୍କୁ ଆଣି ବିବାଦ ସୃଷ୍ଟି କରିବାର ଉଦ୍ୟମ କରୁଛି। ଉପଲବ୍ଧ ତଥ୍ୟକୁ ବିଶ୍ଲେଷଣ କଲେ ସ୍ପଷ୍ଟ ଜଣାପଡ଼େ ଯେ, ଦେଶର ସ୍ୱାଧୀନତା ବିଭାଜନ ଆଦି ଘଟଣାରେ ସାବରକରଙ୍କର ଯଦି କିଛି ଭୂମିକା ଥିଲା ତାହା ହେଉଛି ସାବରକର ଦେଶ ବିଭାଜନର ପକ୍ଷଧର ଥିଲେ ଏବଂ ଇଂରେଜ ଶାସକଙ୍କ ସପକ୍ଷରେ ଥିଲେ। ପୁସ୍ତକ 'ବୀର ସାବରକର ଦି ମ୍ୟାନ ହୁ କୁଡ଼୍ ହାଭ ପ୍ରିଭେଣ୍ଟେଡ୍ ପାର୍ଟିସନ' ପୁସ୍ତକର ଦୁଇ ଲେଖକଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଉଦୟ ମାହୁରକର। ଉଦୟ ମାହୁରକର ସାମ୍ବାଦିକ ଥିଲେ ଓଏବେ ସେ ଭାରତ ସରକାରଙ୍କ ସୂଚନା ଆୟୁକ୍ତ ପଦରେ ଅବସ୍ଥାପିତ। ମାହୁର କରଙ୍କ ଲିଖିତ ପୁସ୍ତକ ଓ ପୁସ୍ତକ ଉନ୍ମୋଚନ ଉତ୍ସବର ଅତିଥି ମାନେ କ'ଣ କହିଲେ ସେ ସବୁକୁ ନେଇ ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଅଧିକ ତର୍ଜମାର ଆବଶ୍ୟକତା ଏଇଥିପାଇଁ ରହିଛି ଯେ, ନୀଳାନ ମୁଖୋପାଧ୍ୟାୟଙ୍କ ଲିଖିତ ପୁସ୍ତକ 'ଦି ଆର ଏସଏସ୍ : ଆଇକନ୍ସ ଅଫ୍ ସାବରକରଙ୍କ ବାବଦରେ ଅନେକ ତଥ୍ୟ ରହିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ମୁଖ୍ୟ ସମତୁଲ ଇସଲାମ ମଧ୍ୟ 'ସାବରକର -ହିନ୍ଦୁତ୍ୱ : ମିଥକ ଔର ସଚ' ପୁସ୍ତକ ଲେଖିଛନ୍ତି। ଏସବୁ ପୁସ୍ତକର ତଥ୍ୟକୁ ମଧ୍ୟ ତର୍ଜମା କରାଯିବା ଉଚିତ୍।

+ ରାମଚନ୍ଦ୍ରପୁର
ରଣପୁର
(ମୋ)୯୪୩୮୪୮୫୦୯୪

## ବିଶ୍ୱାସନୀୟତା ଓ କର୍ତ୍ତବ୍ୟପରାୟଣତା



**ପ୍ରଦୋଷ କୁମାର ଦାସ**

ଗୋଟିଏ ରାଷ୍ଟ୍ରର ପ୍ରଗତିରେ ସହାୟକ ତଥା ସହକାର ସମାଜର ସବୁ ବର୍ଗର କର୍ତ୍ତବ୍ୟପରାୟଣତା ଏକନିଷ୍ଠ ହୋଇପାରିଲେ ସେହି ରାଷ୍ଟ୍ର ବିଶ୍ୱରେ ଏକ ଜନକଲ୍ୟାଣମୟ ରାଷ୍ଟ୍ର ଭାବେ ଉଦାହରଣୀୟ ହୋଇପାରେ। ଏବେ ବିଶ୍ୱାସ ଓ ଅବିଶ୍ୱାସ ଭଉଁରିରେ ଉବୁଟୁବୁ ସାଧାରଣ ମଣିଷଟିଏ ନିଜର ସୁରକ୍ଷା ପାଇଁ ଥଳକୂଳ ପାଉନି। ସେଥିରେ କେଉଁ ଦେଶ ଅବା ନିଜକୁ ସ୍ୱଭାବିକ ମନେ କରୁଥିବ ତାହା ସେହି ଦେଶର ଦେଶବାସୀ ଆକଳନ କରିବା ବିଧେୟ। ଦୁଃଖ ଓ ପରିତାପର ବିଷୟ ମହାମାରୀ କରୋନାର ଦୁଇଦୁଇଟି ଲହର ଅମାନିଆ, ଅପରିଣାମଦର୍ଶୀ ମାନବକୁ ସମଗ୍ର ମହିମଣ୍ଡଳ ବିଶ୍ୱ ସୁରକ୍ଷାରେ ସବୁରି ସୁରକ୍ଷା ନିମିତ୍ତ ଆତ୍ମସଂଜମୀ କରାଇପାରିଲାନାହିଁ।

'ଇପସୋସ' ନାମକ ଏକ ବିଶ୍ୱ ସ୍ତରୀୟ ସର୍ବେକ୍ଷଣ ସଂସ୍ଥା ସମାଜର ସବୁବର୍ଗର ବିଭିନ୍ନ ପ୍ରଭାବଶାଳୀ ବୃତ୍ତିକୁ ନେଇ କିଭଳି ବିଶ୍ୱାସନୀୟତା ରହିଛି ବୋଲି ଆକଳନ କରାଯାଇଥିଲା। ସମାଜର ବିଭିନ୍ନ ବୃତ୍ତିରେ ଜଡିତ ବିଭିନ୍ନ ବୃତ୍ତିଧାରୀଙ୍କ ଉପରେ କିଛି ଅନୁଭବୀ ଲୋକଙ୍କ ମତାମତ ଉପରେ 'ଇପସୋସ୍ ପ୍ରଦତ୍ତ ଏକ ସର୍ବେକ୍ଷଣ ରିପୋର୍ଟକୁ ତର୍ଜମା କଲେ ସାଧାରଣ ସୁରକ୍ଷାରେ ବିଜଡିତ ଗୁରୁତ୍ୱପୂର୍ଣ୍ଣ ବୃତ୍ତିଧାରୀଙ୍କ କର୍ତ୍ତବ୍ୟପରାୟଣତା ଉପରେ ଏବେ ଅନୁଶୀଳନ କରିବାର ଅବକାଶ ଆସିଛି। ଏହି ସର୍ବେକ୍ଷଣରେ

ବିଶ୍ୱ ସ୍ତରରେ ଅଧିକାଂଶ ରାଜନେତାମାନେ ସବୁଠାରୁ ଅଧିକ ବିଶ୍ୱାସହାନୀର ଶରବ୍ୟ ହୋଇଛନ୍ତି। ଯେଉଁମାନଙ୍କ ଉପରେ ଦେଶର ଶାସନ ଭାର ନିହିତ ରହିଛି, ଯେଉଁମାନେ ବିରୋଧୀ ରାଜନେତା, ଜନପ୍ରତିନିଧି ପ୍ରମୁଖ ପ୍ରାୟ ଅଧିକାଂଶ, ରାଷ୍ଟ୍ର କଲ୍ୟାଣ ଉପରେ ନିଜର ଆବଶ୍ୟକ କର୍ତ୍ତବ୍ୟକର୍ମ ନିର୍ବାହ କରିବାରେ ବିଫଳ ରହୁଥିବା ଏହି ଆକଳନ କହୁଛି। ଅବଶ୍ୟ ଭାରତରେ ରାଜନେତାଙ୍କ ଉପରେ ଏହି ଅବଶ୍ୱାସନୀୟତା କିଛି କମ୍ ନୁହେଁ। ନିର୍ବାଚନ ବୈତରଣୀ ପାର ହେବାକୁ ନେତାଏଁ ବେଧଡକ ମିଛ ପ୍ରତିଶୃତିର ପାହାଡ ସୃଷ୍ଟି କରିବାକୁ ପଛାଉନାହାଁନ୍ତି। ଯେତେ ଜଗିଲେବି ଅର୍ଥ ଓ ବାହୁ ବଳରେ ନିର୍ବାଚନ ରଣାଙ୍ଗନ ପ୍ରଭାବିତ ହେଉଛି। ଶତକଡା ୫୦ ଭାଗରୁ ଉର୍ଦ୍ଧ୍ୱ ରାଜନେତା ସୁବିଧାବାଦୀର ଭୂମିକା ନିର୍ବାହ କରୁଥିବାରୁ ସେମାନଙ୍କୁ ପ୍ରବଞ୍ଚକ ଭାବେ ସାଧାରଣ ଜନତା ଅବିହିତ କରିଛନ୍ତି। ବିଶ୍ୱ ସ୍ତରରେ ଡାକ୍ତରଙ୍କ ଉପରେ ବିଶ୍ୱାସନୀୟତା ଶତକଡା ୬୪ ଭାଗ ରହିଛି। ଆମ ଦେଶରେ ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନରେ ରାଶି ରାଶି ଅର୍ଥ ବିନିଯୋଗ ହେଉଥିଲେ ମଧ୍ୟ ଗାଁଗହଳି, ଉପାନ୍ତ ଅସହାୟ ରୋଗୀଟିଏ ଆବଶ୍ୟକ ଡାକ୍ତର ଓ ଔଷଧ ଅଭାବରୁ ମୃତ୍ୟୁମୁଖରେ ପଡୁଛି। ସହରକୁ ଯାଇ ଘରୋଇ ଡାକ୍ତରଖାନାରେ ପୁଳା ପୁଳା ଟଙ୍କା ଖର୍ଚ୍ଚ କରି ଗରିବ ଦୂରାରୋଗ୍ୟ ରୋଗୀଟିଏ ଚିକିତ୍ସା ସୁବିଧା ହାସଲ କରିବା ସାତସପନ ହୋଇଛି।

ଏତଦବ୍ୟତୀତ ରାଷ୍ଟ୍ରହିତ ପାଇଁ ସଂଖ୍ୟାଗରିଷ୍ଠ ସ୍ୱଚ୍ଛଳ, ମଧ୍ୟମବର୍ଗ, ବୁଦ୍ଧିଜୀବୀ, ଚିନ୍ତାନାୟକ ମାନେ ଆଇନଗତ ମତ ରଖିବାରେ ପ୍ରାୟ ସ୍ଥାଣୁ ପାଲଟିଛନ୍ତି।

ଆମ ଦେଶ କଥା ଚିନ୍ତା କଲେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ଅପରାଧିକ ମାମଲା, ଆର୍ଥିକ ଅନଗ୍ରସରତା, ବେରୋଜଗାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସାଧାରଣ ଜନତା କାହାକୁ ବିଶ୍ୱାସ କରିବ ବୋଲି ବିଶ୍ୱାସ ଅବିଶ୍ୱାସର ଭଉଁରିରେ ଫସିଯାଇଛି। ଅସାଧୁ ବେପାରୀ ଅପମିଶ୍ରଣ କରି ସାଧାରଣ ଲୋକଙ୍କ ଜୀବନ ସହ ଖେଳିବାରେ ଲାଗିଛି। ମହଜୁଦକାରୀ ବିଭିନ୍ନ ସାମଗ୍ରୀକୁ ମହଜୁଦ କରି ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ଜିନିଷର କୃତ୍ରିମ ଅଭାବ ସୃଷ୍ଟି କରୁଛି। ଫଂଜିକରଣ ପରେ ମଧ୍ୟ ବହୁ ସ୍ଥାନରେ କୃଷକର ଅମଳ ଧାନକୁ ମଣ୍ଡିରେ ସଠିକ ସମୟରେ ବିକ୍ରି ପାଇଁ ସୁବିଧା ମିଳିପାରୁନାହିଁ। ଫଳରେ ଗାଁରେ ଚାଷୀ ମତଲବୀ ବେପାରୀଙ୍କୁ ଯେନତେନ ପ୍ରକାରେ ଅଭାବ ବିକ୍ରି କରିବାକୁ ବାଧ୍ୟ ହେଉଛି। ସରକାରୀ ଧାର୍ଯ୍ୟ ଚାଷୀର ସହାୟକ ମୂଲ୍ୟ ଅମଳ ମୁତାବକ ମିଳିପାରିଲା ନାହିଁ। ଦେଶର ଶିକ୍ଷିତ ବେକାରଙ୍କୁ କର୍ମନିଯୁକ୍ତି ଏବେ ମଧ୍ୟ ସାତସପନ ରହିଛି। ସଂରକ୍ଷଣ ଆଳରେ ରାଜନୀତି ଚାଲିଛି। ସାଧାରଣ ବର୍ଗର ମେଧାବୀଙ୍କୁ ଚାକିରୀ ମିଳିପାରୁନି। ମହିଳା ସଶକ୍ତକରଣକୁ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ଆଜି ମଧ୍ୟ ଆମ ଘରେ ପାଖ ଲୋକଙ୍କ ଦ୍ୱାରା ଆମ ଆଖି ଆଢୁଆଳରେ ନିର୍ଯ୍ୟାତିତା। ଦୁର୍ନୀତି, ଦୁଷ୍କର୍ମ, ଦୁରାଚାର ବିରୋଧରେ ନ୍ୟାୟ ମାଗିବା ବେଳେ ଏବେ ମଧ୍ୟ ନ୍ୟାୟ ବିଳମ୍ବିତ। ଭୂଲୁଣ୍ଠିତ ଆମର ମାନବିକତା ସବୁ ଜାଣି ମଧ୍ୟ ଅଜଣା ରହୁଛି । ଦେଶରୁ ନିଶା ନିବାରଣ ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ ଆଜି ଭୂଲୁଣ୍ଠିତ। ଯୁବପୀଢି ଆଜି ନିଶା ଜହରରେ ଜର୍ଜରିତ। ସରକାର ନିଶା କାରବାରକୁ ବେଆଇନ ବୋଲି କଟକଣା ଜାରି କରିଥିବା ବେଳେ ଠା ଠା ଆଇନତଃ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦେଇ ଅପର୍ଯ୍ୟାପ୍ତ ଟାକ୍ସ କୁଟିନେଉଛନ୍ତି। କେହି ବିବେଚନା କରୁନାହାଁନ୍ତି ଯେ, ରାଷ୍ଟ୍ରର ପ୍ରଗତି ପାଇଁ ଆମର କର୍ତ୍ତବ୍ୟକର୍ମ କିଭଳି ନିର୍ଣ୍ଣୟ ହେବା ଉଚିତ। ପରିବେଶ ଆଜି ହଳାହଳମୟ। ସବୁଜ ପରିବେଶ ସୁସ୍ଥ ପରିବେଶ ବୋଲି ଜାଣି ମଧ୍ୟ ଆମେ ଅବିଚାରିତ ଭାବେ ଗଛ କାଟି ଚାଲିଛୁ। ପ୍ଲାଷ୍ଟିକ, ପଲିଥିନ ବ୍ୟବହାର କରି ଯଥେଚ୍ଛାଚାର ଆମ ମାଟିର ଶୁଦ୍ଧତା ନଷ୍ଟ କରିଚାଲିଛୁ। ଏହାର ଗଠନମୂଳକ ପ୍ରତିକାରାତ୍ମକ ପନ୍ଥା ବାହାର କରି ସମସ୍ୟା ସମାଧାନ ପାଇଁ ଉଭୟ ଶାସକ ଓ ବିରୋଧୀ କାହିଁକି ଅପ୍ରତିଭ ନିରବତା ଅବଲମ୍ବନ କରୁଛନ୍ତି ତାହା ବିସ୍ମିତ କରୁଛି।

ଏଭଳି ବହୁ ସମସ୍ୟା ରହିଛି, କଥାରେ ଅଛି ଖଜୁରିଗଛର କିଗୁଣ ଗାଇବି ମୂଳରୁ ପାହାଚ ପାହାଚ। ଦେଶର ଶାସନ, ପ୍ରଶାସନରେ ସ୍ୱଚ୍ଛତା ରଖିବାକୁ ହେଲେ ସବୁ ସ୍ତରରେ ନିରପେକ୍ଷତା ଅବଲମ୍ବନ କରି ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହି ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ସମଗ୍ର ଦେଶବାସୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗିତ ହୋଇ ଯଦି ଶାସକ ଓ ଶାସିତ ନିଜ ନିଜର ପ୍ରତିଟି କର୍ତ୍ତବ୍ୟକର୍ମକୁ ଗଠନମୂଳକ ରଖିବେ, ତେବେ ହୁଏତ ସେହି ସୁଦିନ ଆସିବ, ଯେଉଁଦିନ ମହାମାନବ ଗାନ୍ଧିଜୀଙ୍କ ସେହି ସ୍ୱପ୍ନର ରାମରାଜ୍ୟ ସାକାର ରୂପ ନେଇ ସମସ୍ତଙ୍କୁ ସୁରକ୍ଷିତ ରଖାଇ ବାଞ୍ଛିତ ଫଳ ପ୍ରଦାନ କରିବ। ଏଥିପାଇଁ ସରକାରଙ୍କ ଠାରୁ ସାଧାରଣ ମଣିଷ ସଭିଁଏ ସବୁ ସ୍ତରରେ ନିଜ ନିଜର କର୍ତ୍ତବ୍ୟ ସଂପାଦନରେ ସଚ୍ଚୋଟ ରହି ଆବଶ୍ୟକ କର୍ତ୍ତବ୍ୟ ପରାୟଣ ହେବା ନିହାତି ଆବଶ୍ୟକ। କାରଣ ଏଥିରେ ଦେଶ ଓ ଜାତିର କଲ୍ୟାଣ ନିହିତ ଅଟେ।

+ ସ୍ତମ୍ଭକାର, ସା/ ପୋ:-
ନାଟୁଣୀ, ଖୋରଧା,୭୫୨୦୩୪
(ମୋ)୬୩୭୦୪୯୫୯୪୪




## ମନ୍ଦିରୁ ଶୁଭୁଛି ଓଁ କାର

**କୁନା ସେଠୀ**



କାର୍ତ୍ତିକ ମାସର ମାହାତ୍ମ୍ୟ ଅନେକ
କହନ୍ତି ଯେ ସାଧୁ ଜନ
ସକାଳରୁ ସଞ୍ଜ ଭୋଳା ବାବାଙ୍କର
ପୀଠରେ ଲାଗଇ ମନ ।।

ମନ୍ଦିର ର ମନ ହୁଏ ଛନ ଛନ
ଜନତା ଗହଳି ଦେଖି
ଘଣ୍ଟ କାହାଳୀ ଯେ କୁରୁଳି ଉଠନ୍ତି
ଭୋଳାଠି ମନକୁ ରଖି ।।

ଜନତା କୁହଇ ଓମ୍ ଓମ୍ ଆଉ
ମନ୍ଦିର କୁହଇ ଓମ୍
ମନ୍ଦିର ପୂଜକ ଓଁ କାର ମନ୍ତ୍ର ରେ
ଡାକୁଥାଏ ହରି ରାମ୍ ।।

ବେଲ ଗଛ ନିଜ ପତ୍ରକୁ ହରାଇ
ଭାବେ ଅରଜିଲି ପୁଣ୍ୟ
ଫୁଲ ଗଛ ନିଜ ଶିରୀ ହରାଇଣ
ଭାବେ ହୋଇଗଲି ଧନ୍ୟ ।।

ମନ୍ଦିରର ଚାରି ପାରୁଶେ ଗହଳି
ଶୁଭଇ ଓଁକାର ଧ୍ୱନି
ମୃଦଙ୍ଗ ର ଧ୍ୱନୀ ଡାକେ ଓଁକାର
କରତାଳ ସାଥେ ଘେନି ।।

ସିନ୍ଦୂର ଚନ୍ଦନ ଲଭି ମହାପୁଣ୍ୟ
ଶୋଭନ୍ତି ମଥାରେ କେତେ
ପରିବେଶ ସେତ ବଦଳି ଯାଇଛି
ମହାପ୍ରଭୁଙ୍କର ହାତେ ।।

ଧୂପ ଦୀପ ଯେତେ ମହକି ଉଠନ୍ତି
ମନ୍ଦିର ପାରୁଶେ ରହି
ଭୋଳା ବାବା ନିଜ ମହିମା ଦେଖାନ୍ତି
ଭକତର ଭାବ ବହି ।।

ମଣିଷ ଜୀବନ ଓମ୍‌ରୁ ଆରମ୍ଭ
ଓମ୍ ରେ ହୁଅଇ ଶେଷ
ସେହି ଓଁ ଅଟେ ପରମ୍ ବ୍ରହ୍ମ ପରା
ପାପ ହୋଇଯାଏ ନାଶ ।।

ଗହଳି ଚହଳି ହୋଇ କେତେ ମେଳି
ଶଙ୍ଖ ହୁଳହୁଳି ଦେଇ
ଆସନ୍ତି ଭକତେ ପୁଣି କେତେ କେତେ
ଶଙ୍କର ମହିମା ଗାଇ ।।

ମଣିଷ ବୁଝିଲେ ଠାକୁର ଭାବନା
ନିଜ ଅନ୍ତରର କଥା
ହରିବ ବେଦନା ହରିବ ଯାତନା
ଦୂର ହବ ସବୁ ବ୍ୟଥା ।।

କରମ ନିଜର ସୁପଥରେ ଥିଲେ
ଠାକୁର ବୁଝିବେ ସବୁ
ଧରମ ଛାଡ଼ିକି କରମ କରିଲେ
କେହି ନ ଶୁଣିବେ ବାବୁ ।।

+ ଭୂତସରସିଙ୍ଗି, ଗଞ୍ଜାମ
(ମୋ)୬୩୭୦୭୦୬୨୮୦



## ମତି ରହୁ ତୁମ ଚରଣେ

**ନଗେନ୍ଦ୍ର ନାଥ ପଟ୍ଟନାୟକ**



ସରଗ ରାଇଜୁ ମରତକୁ ଆସ
ହେ ଆମ ପୁରୁବପୁରୁଷ
ଦୀପାଳିରେ ଆମେ ଡାକୁଚୁ ତୁମକୁ
ଭରିବାକୁ ମନେ ହରଷ ।

କାଇଁରିଆ କାଠି ଜାଳି ଦୀପଦାନ
କରୁଚୁ ଭକତି ମଗନେ
ରୋଗ ବଇରାଗ ନ ଛୁଉଁ ଆମକୁ
ମତି ରହୁ ତୁମ ଚରଣେ ।

ଅନ୍ଧାରରେ ଆସି ଆଲୁଅରେ ଯାଅ
ଝରାଇ ଅମୃତ ଝରଣା
ଦୁଃଖ ହଟିଯାଇ ସୁଖ ଭରୁ ମନେ
ଢାଳିଦଅ ତୁମ କରୁଣା ।

ବଡବଡୁଆଙ୍କ ପିଣ୍ଡଦାନ ବାପା
କରିବେ ବହୁତ ଯତନେ
ଗୋସେଇଁଙ୍କ ମନ୍ତ୍ରପାଠ ଶୁଣୁଥିବେ
ବସିଥାଇ ଭାବ ମଗନେ ।

ନର ଦେହେ ପଛେ ନ ଆସିଲେ ନାଇଁ
ଅଦେଖାରେ ଆସ ପାଖକୁ
କରୋନା ଶକତି ନାଶକର ବେଗି
ଦେଖାଇ ବାଟ ତା ଘରକୁ ।

+ ୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,
(ମୋ) ୯୪୩୮୩୩୨୧୩୮

## ପରୀଟିଏ ତୁମେ...

**ଧ୍ରୁବ ଚରଣ ବେହେରା**



ମୋ ହୃଦୟ ଆକାଶେ ତୁମ ଛବି ସାଥୀ
ହସି ଦିଏ ଶଶୀ ହୋଇ
ସେଥି ଲାଗି ମୋର ମନ ଖୋଜୁଥାଏ
ତୁମରି ରୂପର ଛଇ ।।

ତୁମକୁ ଦେଖିଲେ ଭାବନାରେ ବୁଡି
ଲେଖଇ ପ୍ରୀତି କବିତା
ତୁମେ ମୋର ସ୍ମୃତି ତୁମେ ମୋର ଶବ୍ଦ
ପ୍ରେମର ପ୍ରୀତି ବନିତା ।।

ଅପସରୀ ସମ ଚେହେରା ତୁମର
ଲାବଣ୍ୟତା କଥା କହେ
ଯେତେ ବୁଝାଇଲେ ଅବୁଝା ମନ ମୋ
ତୁମ ପରଶକୁ ଚାହେଁ ।।

ତୁମ ରୂପ ଠାଣି କାବ୍ୟର ଯେ ମୁଣି
ତୁମ ଓଠେ ମଧୁଭରା
ତୁମ ରୂପ ଛଇ ଲାଗୁଥାଏ ମୋତେ
ସତେ ଏକ ଅପସରା ।।

କେଉଁ ଦିନ ପ୍ରିୟା ଦେଖା ହେବ ସାଥେ
ଭାବୁଅଛି ବସି ନିତି
ତୁମେ ଅଟ ମୋର ଭାବର ଜୁଆର
ପ୍ରେମମୟୀ ମଧୁମତୀ ।।

କହିଦିଅ ଥରେ ମନକୁ ବୁଝାଇ
ପାଉନାହଁ କି ଗୋ ଭଲ ?
ତୁମରି ଉପମା ଶୃଙ୍ଗର ସମ୍ଭାର
ଲାଗଇ ଅମୂଲ ମୂଲ ।।

ଦେଖିଲେ ତୁମର ଲାବଣ୍ୟ ଚେହେରା
ଲାଗେ ସଦା ପରୀ ପରି
ତୁମେ ଜଦି ହେବ ସରସୀ କଇଁ
ମୁଁ ତୁମ ସ୍ୱପ୍ନ ଭଉଁରୀ ।।

କେଉଁ ବିଧାତା ସେ ଗଢିଛି ଯତନେ
କୋଟି ଲାବଣ୍ୟତା ଭରି
ଲାଗୁଅଛ ପ୍ରିୟା ମେନକା ଉର୍ବଶୀ
ରମ୍ଭା ପରୀ ଅପସରୀ ।।

+ ଅଠରବାଟିଆ, ବାଲୁଗାଁ ,ଖୋର୍ଦ୍ଧା
(ମୋ) ୮୩୨୮୯୩୦୫୫୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ଅକ୍ଟୋବର ୨୭, ୨୦୨୧

# ବିଶ୍ୱସେନ ସିଦ୍ଧି-କରୋନା ମୁକ୍ତି ସଂଗ୍ରାମ

ଆଶିଷ କୁମାର ସ୍ୱାଇଁ
ମହାତ୍ମାଗାନ୍ଧୀ ମାର୍ଗ,
କବିସୂର୍ଯ୍ୟନଗର, ଗଞ୍ଜାମ, ଓଡ଼ିଶା

ଅଧୁନା ଭାରତ ୧୦୦ କୋଟି ଟୀକାକରଣ ଗତ ୨୧ ଅକ୍ଟୋବର ୨୦୨୧ ସୁଦ୍ଧା ମାତ୍ର ନଅ ମାସ ମଧ୍ୟରେ ବୃହତ ଲକ୍ଷ୍ୟକୁ ଚରିତାର୍ଥ କରିବାରେ ଏକ ସଫଳ ଯୋଦ୍ଧା ରୂପେ ପରିଗଣିତ ହୋଇପାରିଛି। ମାନବତାର ରକ୍ଷା ନିମନ୍ତେ ଏହି ବୈଶ୍ୱିକ ମହାମାରୀ ରେ ରାଷ୍ଟ୍ରୀୟ ଚେତନାକୁ ସମ୍ମାନ ପୂର୍ବକ ନିଜ ନାଗରିକଙ୍କ ସମେତ ଅନ୍ୟ ରାଷ୍ଟ୍ରର ନାଗରିକଙ୍କୁ VaccineMaitri ପରିଯୋଜନା ମାଧ୍ୟମରେ ଟୀକାକରଣ କରାଇ ନିଜର ଅନ୍ତରାଷ୍ଟ୍ରୀୟ ଦାୟିତ୍ୱ ସୁନିଶ୍ଚିତ କରିପାରିଛି। ଏହାର ସମ୍ପୂର୍ଣ୍ଣ ଶ୍ରେୟ ଆମ ଦେଶର ମହାନ ବୈଜ୍ଞାନିକ, ଶୋଧାର୍ଥୀ, ଉଦ୍ୟମୀ, କରୋନା ଯୋଦ୍ଧା ଏବଂ ସ୍ୱାସ୍ଥ୍ୟବିତ୍ ସମୂହଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ସମ୍ଭବ ହୋଇପାରୁଛି। ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ମନ୍ତ୍ରର ଉଦ୍ଘୋଷ ତଥା ରାଜ୍ୟ ସରକାର ମାନଙ୍କ ପ୍ରତିବଦ୍ଧତା ତଥା ଶାସନ ତନ୍ତ୍ରରେ ଥିବା ପାରଦର୍ଶୀ ଅଧିକାରୀଙ୍କ ସେବା ମନୋବୃତ୍ତି ପାଇଁ ସଫଳ ହେଉଛି। ନିଃସନ୍ଦେହ, ଆମ ଭାରତର ଆବାଳବୃଦ୍ଧବନିତାଙ୍କ ଟୀକାକରଣ ପ୍ରତି ଉଦ୍ରେକ ହୋଇଥିବା ଅସୀମ ବିଶ୍ୱାସ ଏବଂ ଗ୍ରହଣୀୟତା ଅପପ୍ରଚାରକାରୀ ତଥା ଭୟଉତ୍ପାଦନକାରୀ ଶକ୍ତି ମାନଙ୍କ ପ୍ରତି ଶକ୍ତ ଚାପୁଡା ପରି କାମ ଦେଲା।

୧୧ ମାର୍ଚ୍ଚ ୨୦୨୦ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା କୋଭିଡ୍-୧୯ କୁ ମହାମାରୀ ରୂପେ ଘୋଷଣା କରିବାର କିଛି ମାସ ପୂର୍ବରୁ ଯଥା ୩୦ ଜାନୁଆରୀ ୨୦୨୦ରେ 'ଅନ୍ତର୍ଜାତୀୟ ଜନସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଜରୁରୀ ପରିସ୍ଥିତି' ଘୋଷଣା କରାଯାଇଥିଲା। ଏହି ବିକଟ ପରିସ୍ଥିତି ରେ ବିଶ୍ୱ ଦରବାରରେ ବହୁ ରାଷ୍ଟ୍ର ଭାରତର ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରତି ଆଶଙ୍କା ପ୍ରକାଶ କରିଥିଲେ ଏବଂ ଆମ ପରିବର୍ଦ୍ଧିତ ଜନସଂଖ୍ୟା, ବିବିଧତା ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସ୍ଥିତି ହେଉଛି ଏହି ଆଶଙ୍କାର କାରଣମାନ।

ସବୁ ଆପଦକୁ ଅବସରରେ ବଦଳେଇବାର ମହତ ଉଦ୍ଦେଶ୍ୟ ସାଧନ ପୂର୍ବକ ଭାରତ 'ବିଶ୍ୱାସେନ ସଂକଳ୍ପେନ ଚ ସିଦ୍ଧି'ର ମନ୍ତ୍ରକୁ ପାଥେୟ କରି ଠିକଣା ସମୟ ପୂର୍ବରୁ ପରୀକ୍ଷଣ, ଅନୁସନ୍ଧାନ, ସଙ୍ଗରୋଧ କେନ୍ଦ୍ର ସ୍ଥାପନା ସମେତ ଜନସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସଚେତନତା ଯେପରିକି ମାସ୍କ, ସାମାଜିକ ଦୂରତା, ଟୀକା ବିକାଶ, କ୍ରୟ, ବିତରଣ ଆଦି ଜରୁରୀ ପ୍ରସଙ୍ଗର ପୂର୍ତ୍ତି ଉଦ୍ଦେଶ୍ୟରେ କୃତସଂକଳ୍ପିତ ହେଲା।

ଭାରତ ରେ ପ୍ରଥମ ଥର ପାଇଁ ବୈଜ୍ଞାନିକ ତଥା ଶୋଧାର୍ଥୀ ମାନେ ଏପରି ଗମ୍ଭୀର ଏବଂ ଦାୟିତ୍ୱବୋଧ ର ଭାବନା ସହ ସଙ୍କଟକୁ ଜବାବ ଦେବା ମନୋବୃତ୍ତି ଏକ ଦୃଷ୍ଟାନ୍ତ ସୃଷ୍ଟି କଲା, ଯାହା ତାଙ୍କ ରାଷ୍ଟ୍ରୀୟ ଉତ୍ତର ଦାୟିତ୍ୱ, ଆତ୍ମନିର୍ଭର ଭାରତ ଗଠନ ତଥା ସ୍ୱଦେଶପ୍ରୀତି ଭାବନାକୁ ସର୍ବଦା ଋଦ୍ଧିମନ୍ତ କରିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତା ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ତ୍ରୀମଣ୍ଡଳ, ସଚିବ, ବିଶେଷଜ୍ଞ ମାନଙ୍କ ବହୁବାର ସମୀକ୍ଷା ବୈଠକ କରାଯାଇ ବିଭିନ୍ନ ମୌଳିକ ପଦକ୍ଷେପ ଯଥା ୱେବ ପୋର୍ଟାଲ୍, କଣ୍ଟାକ୍ଟ ଟ୍ରେସିଂ ଆପ୍, ତାଲିମ ମାର୍ଗଦର୍ଶିକା ର ବିକାଶ ପାଇଁ ସ୍ଥିରୀକୃତ କରାଯାଇ ତତ୍କାଳ କ୍ରିୟାନ୍ୱୟନ କରାଗଲା। WHO ଏବଂ CDC ପରି ସଂସ୍ଥାର ମାସ୍କ ସମ୍ବନ୍ଧୀୟ ଆଧିକାରିକ ନିର୍ଦ୍ଦେଶିକା ଆସିବା ପୂର୍ବରୁ ବିଶ୍ୱରେ ପ୍ରଥମ ରାଷ୍ଟ୍ରଭାବେ ଭାରତ ମାସ୍କ ଏବଂ ଘରୋଇ ଫେସ୍ କଭର୍ ସମ୍ବନ୍ଧୀୟ ମାର୍ଗଦର୍ଶିକା ଜାରି କରି ବିଶ୍ୱକୁ ନିଜର ଦକ୍ଷତା ଓ ବଦ୍ଧପରିକରତା ପ୍ରଦର୍ଶନ କରିପାରିଲା।

ଏପ୍ରିଲ୍ ୨୦୨୧ରେ ସରକାରଙ୍କ ଦ୍ୱାରା ଭ୍ୟାକସିନ୍ ଟାସ୍କଫୋର୍ସ ଗଠନ କରାଯାଇ ବିଭିନ୍ନ ଶୋଧ ସଂସ୍ଥା ଏବଂ ଟୀକା ଉତ୍ପାଦନକାରୀ କମ୍ପାନୀ ଦ୍ୱାରା ୬ ଗୋଟି ମୂଳବିନ୍ଦୁ ଯଥା ଟୀକା ବିକାଶ, ପିପିଇ କୀଟ୍ ଓ ଭେଂଟିଲେଟର, ପରୀକ୍ଷଣ, ସମୀକ୍ଷା ଓ ନିଦାନ ଚିକିତ୍ସା ଏବଂ ଔଷଧ ସେରୋପ୍ରେଭେଲେନ୍ସ ଓ ଜିନୋମ୍ ସିକ୍ୱେନ୍ସିଂ ନିୟମାବଳୀ ଓ ନିୟାମକ ନିର୍ଦ୍ଧାରଣକୁ କେନ୍ଦ୍ର କରି ଯୋଜନା ରୂପାୟନର ଲକ୍ଷ୍ୟ ଧାର୍ଯ୍ୟ କରାଗଲା।

ଭାରତ ସରକାରଙ୍କ ନୀତିଗତ ସହଜତା ଏବଂ ଟୀକା ନିର୍ମାତା କମ୍ପାନୀ ମାନଙ୍କ ପ୍ରତିବଦ୍ଧତା କାରଣରୁ ଟୀକା ନିର୍ମାଣ କାର୍ଯ୍ୟକ୍ରମ ଗତିଶୀଳ ହେଲା। ଫଳସ୍ୱରୂପ, ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ନିଷ୍ପତିର ମାତ୍ର ୯ ମାସ ପରେ ଜାନୁଆରୀ ୨୦୨୧ ପ୍ରଥମ ସପ୍ତାହ ରେ ୨ଟି ସ୍ୱଦେଶୀ ଜ୍ଞାନ କୌଶଳ ତଥା ଅତ୍ୟାଧୁନିକ ବୈଜ୍ଞାନିକ ସିଦ୍ଧାନ୍ତ ସମ୍ପନ୍ନ ନିର୍ମିତ ଟୀକା ଯଥା କୋଭିଶୀଲ୍ଡ (SII ଦ୍ୱାରା ନିର୍ମିତ) ଏବଂ କୋଭାକ୍ସିନ୍ (ଭାରତ ବାଇଓଟେକ୍ ଓ ICMR ସହଭାଗିତାରେ ନିର୍ମିତ)କୁ ଜରୁରୀକାଳୀନ ବ୍ୟବହାର ପ୍ରମାଣନ (EUA) ମାନ୍ୟତା ମିଳିଲା। ଭାରତ ଦ୍ୱାରା ତୃତୀୟ ସଦ୍ୟବିକଶିତ DNA ଭ୍ୟାକସିନ୍ ଜାଇକୋଭ୍-ଡି କୁ ଗତ ଅଗଷ୍ଟ ମାସରେ ଋଟଇ ମାନ୍ୟତା ମିଳିଛି। ଏହି ପରି ଭାବେ ବହୁ କମ୍ ସମୟରେ ଭାରତ ଟୀକା ନିର୍ମାଣ ଦିଗରେ ଅଗ୍ରଣୀ ତଥା ଅପ୍ରତିଦ୍ୱନ୍ଦୀ ରାଷ୍ଟ୍ର ରୂପେ ଆବିର୍ଭୂତ ହୋଇପାରିଛି। ମାସ୍କ ଓ ପିପିଇ କୀଟ୍ ର ଅଭାବ ଦୂରେଇବା ପାଇଁ ବହୁତ କମ୍ ସମୟରେ DRDO, SITRA ତଥା ବୟନ ଶିଳ୍ପ ମନ୍ତ୍ରାଳୟ ର ସହଭାଗିତାରେ ବହୁସଂଖ୍ୟକ ଉତ୍ତମମାନର ମାସ୍କ ଓ ପିପିଇ କୀଟ୍ ପ୍ରସ୍ତୁତ କରି ନିଜ ବ୍ୟବହାର ସହ ବିଶ୍ୱର ଅନ୍ୟ ଦେଶକୁ ରପ୍ତାନୀ କରିବା ଯୋଗୁଁ ବିଶ୍ୱରେ ଭାରତ ପ୍ରଶଂସିତ ହେଲା। ଭାରତର ବିଭିନ୍ନ ଶୈକ୍ଷିକ ତଥା ଶୋଧ ସଂସ୍ଥା ଯଥା IIT କାନପୁର ଏବଂ AMTZ ବିଶାଖାପଟ୍ଟନମ୍ ଆଦି ବହୁ ସଂସ୍ଥା ସ୍ୱଦେଶରେ ଭେଁଟିଲେଟର୍ ଏବଂ ନୂଆ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କଲେ। CSIR-CCMB, IGIB Delhi ପରି ବହୁ ଭାରତୀୟ ଶୋଧ ସଂସ୍ଥା ଟେଷ୍ଟିଙ୍ଗ୍ କୀଟ୍, ପ୍ରୋଟୋକଲ୍ ବିକାଶ, ସେରମ୍ ସର୍ବେକ୍ଷଣ ଆଦିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଦେଶରେ ଔଷଧ ଓ ଚିକିତ୍ସା ପଦ୍ଧତି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ରସାୟନର ପ୍ରୟୋଗ ସମେତ ଉଦ୍ଭିଦଜ ଔଷଧ ତଥା ଆୟୁଷ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତାବିତ ପାରମ୍ପରିକ ଆୟୁର୍ବେଦିକ ଔଷଧର ବ୍ୟବହାର ନିମିତ୍ତ ମାର୍ଗଦର୍ଶିକା ଜାରି କରାଯାଇ ବହୁ ଆକ୍ରାନ୍ତଙ୍କ କୋଭିଡ୍ ଜନିତ ପୀଡା ଲାଘବ କରାଯାଇପାରିଲା। ରେମଡ଼େସିଭିର୍, ଫାଭିପିରାଭିର୍ ପରି ୫ଟି ଔଷଧକୁ CDSCO ତରଫରୁ ଜରୁରୀକାଳୀନ ବ୍ୟବହାର ନିମିତ୍ତ ମାନ୍ୟତା ପ୍ରଦାନ କରାଯାଇ ବହୁ ଜନଜୀବନ ରକ୍ଷା କରାଯାଇପାରିଲା। ଦେଶରେ କ୍ରମାଗତ ବଢୁଥିବା ସଂକ୍ରମଣର ନିୟନ୍ତ୍ରଣ ଯୋଜନା ବିକାଶ ପାଇଁ INSACOG ସଂସ୍ଥା ସ୍ଥାପନ କରି ବହୁଆୟାମୀ ସେରମ୍ ସର୍ବେକ୍ଷଣ ଏବଂ ଜିନୋମ୍ ସିକ୍ୱେନ୍ସିଂ କରାଯାଇ ଭବିଷ୍ୟତର ସମ୍ଭାବୀ ସଂକ୍ରମଣ ଦରକୁ କମାଯାଇ ପାରିଲା। ତଥାପି ଆହୁରି ବହୁ ମାଇଲ୍ ଅତିକ୍ରମ କରିବାକୁ ଅଛି, ଏହା ତ କେବଳ ଉତ୍ତମ ଦିଗ ଉନ୍ମୁଖୀ ସଫଳ ପ୍ରୟାସ ମାତ୍ର। ଏହି ମାର୍ଗକୁ ଆମେ ସବୁ ଭାରତୀୟ 'ଟିମ୍ ଇଣ୍ଡିଆ'ର ମନୋଭାବ ନେଇ ଟୀକାକରଣ ପ୍ରତି ସଚେତନତା ଆହୁରି ବ୍ୟାପକ କରି ସମାଜର ସବୁ ବର୍ଗର ଲୋକ, ଯେଉଁମାନେ କୌଣସି କାରଣରୁ ଅଭିଯାନରେ ଯୋଡ଼ି ହେଇପାରିନାହାନ୍ତି, ସେମାନଙ୍କୁ ଯୋଡିବାର ଗୁରୁଦାୟିତ୍ୱ ନେବା। ନିଜ ସାମାଜିକ ଦାୟିତ୍ୱ ପୂର୍ତ୍ତି ହେଲେ ରାଷ୍ଟ୍ରୀୟ ଦାୟିତ୍ୱ ପୂର୍ତ୍ତି ହେବ, ରାଷ୍ଟ୍ରୀୟ ଦାୟିତ୍ୱରୁ ବୈଶ୍ୱିକ ଦାୟିତ୍ୱ ଗ୍ରହଣ କରି ବିଶ୍ୱରେ ଭାରତକୁ ବିଜୟୀ, ସ୍ୱସ୍ଥ, ସମୃଦ୍ଧ ଏବଂ ବିଶ୍ୱଗୁରୁ ଆସନ ରେ ପ୍ରତିସ୍ଥାପିତ କରିବା ଆମ ଧ୍ୟେୟ ହେଉ। ଜୟ ହିନ୍ଦ୍।

# ନଡ଼ିଆ ବେସନ ବର୍ଫି



***ଆବଶ୍ୟକ ସାମଗ୍ରୀ:*** ବେସନ, ନଡ଼ିଆ କୋରା, ଗୁଆ ଘିଅ, ସୁଜି, କ୍ଷୀର, ଚିନି, କିସମିସ୍, ଆଲମଣ୍ଡ, ପିସ୍ତା, ଗୁଜୁରାତି ଗୁଣ୍ଡ।

***ପ୍ରସ୍ତୁତି ପ୍ରଣାଳୀ:*** ପ୍ରଥମେ କରେଇରେ ଅଳ୍ପ ଗୁଆ ଘିଅ ପକାଇ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବେସନ ଓ ସୁଜିକୁ ପକାନ୍ତୁ । ଏହାପରେ ସେଥିରେ ନଡ଼ିଆ କୋରା ପକାଇ ଭଲ ଭାବେ ଭାଜନ୍ତୁ। ଏହାର ରଙ୍ଗ ହାଲକା ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଏହାପରେ ସେଥିରେ କ୍ଷୀର, ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ଟିକେ ଶୁଖିଲା ହେବା ପର୍ଯ୍ୟନ୍ତ ମିଶ୍ରଣକୁ ଭଲଭାବେ ଜନ୍ତନ୍ତୁ। ଜନ୍ତୁଣି ହେବା ପରେ ଏକ ପ୍ଲେଟକୁ କାଢି ଖେଳାଇ ରଖନ୍ତୁ। ଏହାପରେ ସେଥିରେ ପିସ୍ତା,କିସମିସ୍,ବାଦାମକୁ ଛୋଟ ଛୋଟ କାଟି ମିଶ୍ରଣ ଉପରେ ପକାଇ ସଜାନ୍ତୁ । ଏହାପରେ ବେସନ ଓ ନଡିଆର ମିଶ୍ରଣକୁ ଫ୍ରିଜ୍ ରେ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ । ଏହାପରେ ମିଶ୍ରଣକୁ ପ୍ଲେଟକୁ କାଢି ବର୍ଫି ଆକାରର ସେପ୍ ଦେଇ ଏହାକୁ କାଟି ରଖନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ନଡିଆ ବେସନ ବର୍ଫି' ।

# ସ୍ନାନ କରିବାର ନିୟମ

ଗବେଷକଗଣ ନିକଟରେ ସଂଖ୍ୟାଧିକ ଲୋକଙ୍କ ଉପରେ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ ନିୟମିତ ଥଣ୍ଡା ପାଣିରେ ସ୍ନା କରୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଉତ୍ତମ ରହିଥାଏ। ଏଥିରେ ବିଭିନ୍ନ ବର୍ଗର ତଥା ବୟସର ଲୋକେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କରୁଥିବା ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି। ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ଏହି ଲୋକେ କମ୍ ରୋଗାକ୍ରାନ୍ତ ହେଉଥିବାର ପ୍ରକାଶ। ଏକି ଗିଲାସ 'ଳ ରସ କିମ୍ବା ପରିବା ରସ ପିଇଲେ ଯେଉଁ ପରିମାଣରେ ଶକ୍ତି ମିଳେ, ଥଣ୍ଡା ପାଣିରେ ସ୍ନାନ କଲେ ସେହି ପରିମାଣରେ ଶକ୍ତି ମିଳିଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି। ପ୍ରାଚୀନ କାଳରେ ଥଣ୍ଡା ତଥା ଶୀତଳ ଜଳରେ ସ୍ନା କରିବା ଏକ ପରମ୍ପରା ଥିଲା। ସେ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସହ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ଥିବାର ଅନେକ ତଥ୍ୟ ମିଳିଛି। ସେଥିପପାଇଁ ଗବେଷକମାନେ ଉଷୁମ ପାଣିରେ ସ୍ନାନ ନକରି ଥଣ୍ଡା ପାଣିରେ ସ୍ନାନ କରିବାକୁ ପରାମର୍ଶ ଦେଇଛନ୍ତି।

# ଦୀପାବଳିରେ ଏହିପରି ନିଅନ୍ତୁ ମେକ୍‌ଅପ୍



ଦୀପାବଳିରେ ସୁନ୍ଦର ଦେଖାଯିବା ପାଇଁ ସବୁ ମହିଳାଙ୍କର ଇଚ୍ଛା ଥାଏ। ଏଥିପାଇଁ ସେମାନେ ଶାଢ଼ି ସହିତ ମ୍ୟାଚିଙ୍ଗ୍ କରି ଗହଣା ମଧ୍ୟ କିଣିଥା'ନ୍ତି। ତେବେ କେବଳ ଶାଢ଼ି ଓ ଗହଣା ନୁହେଁ, ମହିଳାଙ୍କୁ ମେକ୍‌ଅପ୍ ମଧ୍ୟ ନେବାକୁ ପଡ଼ିଥାଏ। ଆପଣ ଯଦି ଏଥର ଦୀପାବଳିରେ ନିଜ ଲୁକ୍‌କୁ ଖାସ୍ କରିବା ପାଇଁ ଚାହୁଁଛନ୍ତି, ପାର୍ଲର ନ ଯାଇ ଘରେ ମଧ୍ୟ ଫେଷ୍ଟିଭ୍ ମେକ୍‌ଅପ୍ କରିପାରିବେ। ସେଥିପାଇଁ ଜାଣି ରଖନ୍ତୁ କିଛି ଟିପ୍ସ।

୧. ମେକ୍‌ଅପ୍ ପରେ ସ୍କିନ୍‌କୁ ଗ୍ଲୋ କରିବା ପାଇଁ ପ୍ରାଇମର ଲଗାନ୍ତୁ। ଫାଉଣ୍ଡେସନ୍ ଲଗାଇବା ପରେ ମଧ୍ୟ ଏହା ଆପଣଙ୍କ ସ୍କିନ୍‌କୁ ଗ୍ଲୋ କରିଥାଏ। ଯଦି ଆପଣଙ୍କ ତ୍ୱଚାରେ ରିଙ୍କଲ୍ସ ସମସ୍ୟା ରହିଛି, ତା'ହେଲେ ପ୍ରାଇମର ଲଗାଇଲେ, ତାହା ଜଣାପଡ଼ିନଥାଏ।

୨. ମାର୍କେଟରେ ବିଭିନ୍ନ ପ୍ରକାର ଫାଉଣ୍ଡେସନ୍ ଉପଲବ୍ଧ ହେଉଛି। ଦୀପାବଳିରେ ସୁନ୍ଦର ଲାଗିବା ପାଇଁ କେବଳ ଇଲ୍ୟୁମିନେଟର ଫାଉଣ୍ଡେସନ୍ ବ୍ୟବହାର କରନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ।

୩. ଲିପଷ୍ଟିକ୍ ଲଗାଇବା ସମୟରେ ରେଡ୍, ହଟ୍ ପିଙ୍କ ଓ ମେରୁନ୍ ପରି ରଙ୍ଗ ବାଛନ୍ତୁ।

୪. ଆଖିକୁ ସୁନ୍ଦର କରିବା ପାଇଁ କାଜୋଲ୍, ଆଇ ଲାଇନର ଓ ଆଇ ଶ୍ୟାଡୋ ବ୍ୟବହାର କରନ୍ତୁ।

୫. ପାଉଡର ବ୍ଲସର ପରିବର୍ତ୍ତେ କ୍ରିମ୍ ବ୍ଲସର ବ୍ୟବହାର କରନ୍ତୁ। ଏହି ବ୍ଲସର ଆପଣଙ୍କ ଇଲ୍ୟୁମିନେଟର ଫାଉଣ୍ଡେସନ୍ ସହିତ ମ୍ୟାଚ୍ କରିବା ସହିତ ଆପଣଙ୍କ ଗାଲକୁ ଏକ ପରଫେକ୍ଟ ଲୁକ୍ ଦେବ। ଯେଉଁଥିପାଇଁ ଆପଣ ସମସ୍ତଙ୍କଠାରୁ ଅଲଗା ଲାଗିବେ।

# ଦୀପାବଳିରେ କାହିଁକି ହୁଏ ମା' କାଳିଙ୍କ ପୂଜା

ଭୁବନେଶ୍ୱର (ଓଡ଼ିଶା ରିପୋର୍ଟର): ଭାରତରେ ଅନେକ ସ୍ଥାନରେ ଦୀପାବଳିକୁ ଆଲୋକ ଓ ଆତସବାଜି ସହ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ମାତ୍ର ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ଭଳି ରାଜ୍ୟରେ ଏହି ଦିନ ଆଲୋକ ଓ ଆତସବାଜି ସହ ମା' କାଳୀଙ୍କର ପୂଜା କରାଯାଇଥାଏ। ଲୋକକଥା ଅନୁସାରେ, ନବଦ୍ୱୀପର ରାଜା କୃଷ୍ଣଚନ୍ଦ୍ର ୧୮୦୦ ଶତାବ୍ଦୀରେ ମା' କାଳୀଙ୍କର ପୂଜା ପଶ୍ଚିମବଙ୍ଗରେ ଆରମ୍ଭ କରିଥିଲେ। ସେହିଦିନଠାରୁ କୋଲକାତା ସମେତ ପଶ୍ଚିମବଙ୍ଗର ବହୁ ଜମିଦାର ଏହି ପରମ୍ପରାକୁ ବଜାୟ ରଖି ମା'କାଳୀଙ୍କର ପୂଜା କରି ଆସୁଛନ୍ତି। ତେବେ ଆଲୋକର ଏହି ପର୍ବରେ ମା' ଜିଭ କାଢ଼ିଥିବା ରୂପରେ କାହିଁକି ପୂଜା ପାଆନ୍ତି, ସେନେଇ ପୌରାଣିକ କାହାଣୀ ମଧ୍ୟ ରହିଛି।

ପୁରାଣ ଅନୁସାରେ, ରାକ୍ଷସ ଶୁମ୍ଭ ଓ ନିଶୁମ୍ଭଙ୍କ ଅତ୍ୟାଚାରରେ କେବଳ ପୃଥିବୀବାସୀ ନୁହନ୍ତି, ସ୍ୱର୍ଗର ଦେବତାମାନେ ମଧ୍ୟ ଅତିଷ୍ଠ ହୋଇ ପଡ଼ିଥିଲେ। ବ୍ରହ୍ମାଙ୍କ ଆଶୀର୍ବାଦରେ ବଳୀୟାନ୍ ହୋଇଥିବା ଶୁମ୍ଭ-ନିଶୁମ୍ଭ ସ୍ୱର୍ଗ ଉପରେ ଆକ୍ରମଣ କରି ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରିବାକୁ ଚାହୁଁଥିଲେ। ଏହି ଦୁଇ ରାକ୍ଷସଙ୍କ ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ଦେବତାମାନେ ମହାମାୟା ମା' ଦୁର୍ଗାଙ୍କୁ ସ୍ମରଣ କରିଥିଲେ। ଦୁର୍ଗା ନିଜ ଅଂଶର ଅନ୍ୟ ଏକ ସ୍ୱରୂପ ଅର୍ଥାତ୍ ମା' କାଳୀ ରୂପ ନେଇ ଶୁମ୍ଭ-ନିଶୁମ୍ଭ ରାକ୍ଷସଙ୍କୁ ବଧ କରିଥିଲେ। ତେବେ ଶୁମ୍ଭ-ନିଶୁମ୍ଭଙ୍କୁ ନିପାତ କରି ସାରିବା ପରେ ମଧ୍ୟ ମା' କାଳୀ ଶାନ୍ତ ହୋଇ ନ ଥିଲେ। ମା'ଙ୍କ ରକ୍ତମୁଖା ରୂପ ଦେଖି ଦେବତାମାନେ ମଧ୍ୟ ଭୟ ପାଇ ଯାଇଥିଲେ। ଶେଷରେ ମା' କାଳୀଙ୍କୁ ତାଙ୍କ ପୂର୍ବ ଅବସ୍ଥାକୁ



ଫେରାଇ ଆଣିବା ପାଇଁ ଭଗବାନ ଶିବ ତାଙ୍କ ଯିବା ବାଟର ଭୂମିରେ ଶୟନ କଲେ। ଆଉ ମା' କାଳୀ ମହାଦେବଙ୍କ ଛାତି ଉପରେ ଗୋଡ଼ ରଖି ଦେଇଥିଲେ। ନିଜ ସ୍ୱାମୀଙ୍କ ଉପରେ ଗୋଡ଼ ରଖିବା ପରେ ମା' ନିଜ ପୂର୍ବ ଅବସ୍ଥାକୁ ସ୍ମରଣ କରି ପାରିଥିଲେ ଓ ଲଜ୍ଜାରେ ନିଜ ଜିଭ ଆଗକୁ ବାହାର କରି ଦେଇଥିଲେ। ସେହିଦିନଠାରୁ ମା'ଙ୍କର ଏହି ରୂପକୁ କାଳୀ





ପୂଜା ଅର୍ଥାତ୍ ଦୀପାବଳିରେ ପୂଜା କରାଯାଇଥାଏ। ଅମାବାସ୍ୟା ରାତିରେ କାଳୀଙ୍କର ପୂଜା ହେଉଥିବାରୁ ତାନ୍ତ୍ରିକମାନେ ମଧ୍ୟ ଏହି ଦିନ ମା'ଙ୍କର ଉପାସନା କରିଥା'ନ୍ତି।

ଦୀପାବଳିର ଆଗମନରେ ମହାକାଳୀଙ୍କୁ ପୂଜା କଲେ, ମା' ସୁଖସମୃଦ୍ଧି ପ୍ରଦାନ କରିଥା'ନ୍ତି। ଏହାମଧ୍ୟ କୁହାଯାଏ, ଏହି ଦିନ ମା' କାଳୀ ତାଙ୍କ ଅନୁଗାମୀଙ୍କର ସମସ୍ତ ଦୁଃଖ ଦୁର୍ଦ୍ଦଶା ଦୂର କରିଥା'ନ୍ତି। ଏଥିପାଇଁ ମା'ଙ୍କ ଆଗରେ ଅଖଣ୍ଡ ଦୀପ ମଧ୍ୟ ବସାଯାଏ।

ଅନେକ ବିଶ୍ୱାସ କରନ୍ତି, ମା' କାଳୀ ପୃଥିବୀରେ ନ୍ୟାୟ ଓ ଜୀବନର ପୁନଃନିର୍ମାଣ କରିଥା'ନ୍ତି, ଯେଉଁଥିରେ ପ୍ରତ୍ୟେକ ମଣିଷକୁ ଶାନ୍ତି ଓ ସଂହତିର ସହ ରହିବା ପାଇଁ ବାର୍ତ୍ତା ଦିଆଯାଏ। ଏହି କାରଣରୁ ପୂର୍ବ ଭାରତର କିଛି ହିନ୍ଦୁ ଧର୍ମାବଲମ୍ବୀ ଦୀପାବଳି ଅପେକ୍ଷା କାଳୀ ପୂଜାକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି।



# ଏହି ୩ଟି ରାଶି ଉପରେ ସର୍ବଦା ପ୍ରସନ୍ନ ଥାନ୍ତି ଶନିଦେବ

ଶନି ଗ୍ରହ ସମସ୍ତ ନଅ ଗ୍ରହ ମଧ୍ୟରେ ନ୍ୟାୟାଧିପତିର ମାନ୍ୟତା ହାସଲ କରିଛନ୍ତି। ଅର୍ଥାତ୍ ଶନି ବ୍ୟକ୍ତିର କାର୍ଯ୍ୟ ଉପରେ ଆଧାର କରି ଫଳଦେଇଥାନ୍ତି। ବିଶ୍ୱାସ କରାଯାଏ ଯେ ଶନି ଭଗବାନ ଭଲ କାମ କରୁଥିବା ଲୋକଙ୍କୁ ଭଲ ଫଳ ଓ ଖରାପ କାମ କରୁଥିବା ଲୋକକୁ ଖରାପ ଫଳ ଦେଇଥାନ୍ତି। ଶନି ଦେବ କ୍ଷୁବ୍ଧ ହେଲେ ଜଣେ ବ୍ୟକ୍ତିଙ୍କୁ ଯେତିକି ଆଘାତ କରନ୍ତି, ସେ ମଧ୍ୟ ପ୍ରସନ୍ନ ହେଲେ ତାଙ୍କୁ ଧନୀ ଏବଂ ଖୁସି କରନ୍ତି। ଶନିଙ୍କ ଅଶୁଭ ଛାୟା ଯଦି କାହାର ରାଶିରେ ପଡ଼େ ତେବେ ସେହି ବ୍ୟକ୍ତିର ସମସ୍ତ କାର୍ଯ୍ୟ ଖରାପ ହେବାକୁ ଲାଗେ, ସେ ବିଭିନ୍ନ ପ୍ରକାରର ଯନ୍ତ୍ରଣା ଏବଂ ରୋଗରେ ପୀଡ଼ିତ ହେବାକୁ ଲାଗେ। ଅନ୍ୟପଟେ, ଯଦି ଶନିଙ୍କର ଶୁଭ ଛାୟା ପଡ଼େ ତେବେ ବ୍ୟକ୍ତିର ଅଳ୍ପ ମାତ୍ର ପରିଶ୍ରମ ଦ୍ୱାରା ହିଁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଏବଂ ଅଗ୍ରଗତି ପାଇଥାଏ। ୧୨ଟି ରାଶି ମଧ୍ୟରେ ତିନୋଟି ରାଶି ଏପରି ଅଛି ଯେଉଁଥିରେ ଶନି ଦେବଙ୍କ କୃପା ଆଜୀବନ ରହିଥାଏ। ଏହାର କାରଣ ହେଉଛି ଏହି ରାଶିର ଲୋକମାନେ ସର୍ବଦା କଠିନ ପରିଶ୍ରମ ଏବଂ ଭଲ କାର୍ଯ୍ୟରେ ବିଶ୍ୱାସ କରନ୍ତି। ଏହି କାରଣରୁ ଏମାନେ ସର୍ବଦା ଭଗବାନ ଶନିଙ୍କ ଆଶୀର୍ବାଦ ପାଆନ୍ତି। ଆସନ୍ତୁ ଜାଣିବା ସେହି ତିନୋଟି ରାଶି ବିଷୟରେ।

**ତୁଳା ରାଶି:** ତୁଳା ହେଉଛି ଶନି ଦେବଙ୍କର ପ୍ରିୟ ରାଶି ମଧ୍ୟରୁ ଅନ୍ୟତମ। ଏହି ରାଶିର ପ୍ରଭୁ ହେଉଛନ୍ତି ଶୁକ୍ର ଦେବ। ଏହି ରାଶିର ଲୋକମାନେ ପରିଶ୍ରମୀ ଏବଂ ସଚ୍ଚୋଟ ସ୍ୱଭାବର ଥାନ୍ତି। ତାଙ୍କର ବହୁତ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ମଧ୍ୟ ରହିଥାଏ। ଏହି ରାଶି ଉପରେ ଶନି ସର୍ବଦା ଖୁସି ଥାନ୍ତି। ଶନି ଦେବ ତାଙ୍କ ପରିଶ୍ରମ ଯୋଗୁଁ ତାଙ୍କ ଉପରେ ବିଶେଷ ଆଶୀର୍ବାଦ କରନ୍ତି। ଯାହାଫଳରେ ତାଙ୍କ ଭାଗ୍ୟ ତାଙ୍କୁ ସର୍ବଦା ସମର୍ଥନ କରେ। ସେହି ସମୟରେ, ଶୁକ୍ର ଏହି ରାଶିର ପ୍ରଭୁ ହୋଇଥିବାରୁ ତାଙ୍କ ଜୀବନ ଖୁସି ଏବଂ ବିଳାସପୂର୍ଣ୍ଣ ରହିଥାଏ। ତେଣୁ ଏହି ରାଶିର ଲୋକମାନେ ଶନି ଦେବଙ୍କୁ ପୂଜା କରିବା ଜରୁରୀ।

**କୁମ୍ଭ ରାଶି:** ଶନି ଦେବଙ୍କ ଶୁଭ ଛାୟା କୁମ୍ଭ ରାଶିର ବ୍ୟକ୍ତିଙ୍କ ସହିତ ସର୍ବଦା ରହିଥାଏ। ଏହି ରାଶିର ପ୍ରଭୁ ମଧ୍ୟ ନିଜେ ଶନି ଦେବ ହିଁ। ତେଣୁ ଏହି ରାଶି ପାଇଁ ଶନିଙ୍କ ଛାୟା ସର୍ବଦା ଶୁଭ ହୋଇଥାଏ। ଏହି ରାଶିର ବ୍ୟକ୍ତିମାନେ ଗରିବ ଏବଂ ଅସହାୟ ଲୋକଙ୍କୁ ସାହାଯ୍ୟ କରିଥାନ୍ତି। ଏହି କାରଣରୁ ଶନି ଦେବ ପ୍ରସନ୍ନ ହୋଇ ଏମାନଙ୍କ ଜୀବନକୁ ଖୁସିରେ ଭରିଦେଇଥାନ୍ତି। ଏହା ବ୍ୟତୀତ ଏହି ରାଶିର ଲୋକମାନେ ବହୁତ ଧନୀ ଏବଂ ମାନ-ସମ୍ମାନର ଅଧିକାରୀ ମଧ୍ୟ ହୁଅନ୍ତି।

**ମକର ରାଶି:** ଶନି ଦେବ ଦୁଇଟି ରାଶି ଚିହ୍ନର ପ୍ରଭୁ ଅଟନ୍ତି। ପ୍ରଥମଟି ହେଉଛି କୁମ୍ଭ ଏବଂ ଦ୍ୱିତୀୟଟି ମକର ରାଶି। ଏପରିକି ମକର ରାଶିର ଜାତକ ଉପରେ ମଧ୍ୟ ଶନି ଦେବଙ୍କ କୃପା ରହିଥାଏ। ଯାହା ଫଳରେ ସାମାନ୍ୟ ଆରାଧନାରେ ହିଁ ସେ ଖୁସି ହୋଇ ଏମାନଙ୍କ ଜୀବନ ସୁଖରେ ଭରିଦିଅନ୍ତି। ମକର ରାଶିର ବ୍ୟକ୍ତି ବହୁତ ଭାଗ୍ୟବାନ ହୋଇଥାନ୍ତି। ଏମାନଙ୍କର ପ୍ରତ୍ୟେକ କାର୍ଯ୍ୟ କୌଣସି ପ୍ରତିବନ୍ଧକ ବିନା ହୋଇଯାଏ।

# ନୂଆ ଭାରିଏଂଟ ସଂକ୍ରମଣ ଭାରତରେ ନଗନ୍ୟ : ଡିଏମଇଟି

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଇନ୍ଦୋରରେ ସାତଟି ଓ ମହାରାଷ୍ଟ୍ରରେ କିଛି ନୂଆ ଭ୍ୟାରିଆଂଟ ଚିହ୍ନଟ ହୋଇଛି। ଏହା ୧୦ ପ୍ରତିଶତ ଅଧିକ ସଂକ୍ରମିତ କରିବ। ଡ଼େଲ୍ଟା ପ୍ଲସ ପ୍ରଜାତିର ଏହା ନୂଆ ଭ୍ୟାରିଆଂଟ। ଯଦିଓ ପ୍ରଥମେ ଡିଟେକ୍ଟ ହୋଇଛି ତାକୁ ଭ୍ୟାରିଏଂଟ ଅଫ ଇନଭେଷ୍ଟିଗେସନରେ ରଖାଯାଇଛି। ତାପରେ ଭ୍ୟାରିଏଂଟ ଅଫ ଇଂଟ୍ରେଷ୍ଟ ତାପରେ କନସର୍ଣ୍ଣ। ଭ୍ୟାରିଏଂଟ ଅଫ କନସର୍ଣ୍ଣ ଷ୍ଟେଜ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଘୋଷଣା କରିନାହିଁ। ଏହା ଭ୍ୟାରିଏଂଟ ଅଫ ଇନଭେଷ୍ଟିଗେସନ ୟୁ.କେ ବୋଲି ଘୋଷଣା କରିଛି। ଇଂଲଣ୍ଡରେ ୧୦ ପ୍ରତିଶତ ଲୋକଙ୍କ ପାଖରେ ଦେଖାଯାଉଛି। ଭାରତରେ ଦେଖିଲେ ଏହା ଅତି ନଗଣ୍ୟ। ବ୍ୟସ୍ତ ହେବାର ସମୟ ଆସିନି ବୋଲି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି।

ସେ କହିଛନ୍ତି, ଡବ୍ଲୁ ଏଚ ଓ ଏବଂ ୟୁ କେ ଏଜେନ୍ସି କହୁଛନ୍ତି ମାର୍ଜିନାଲି ଅଧିକ ସଂକ୍ରମଣ କରେ। ଏହା ଅଧିକ ସଂକ୍ରମଣକ୍ଷମ ନା ନାହିଁ ଜଣା ପଡିନି। ଏହା କେତେଦୂର ଅଧିକ ରୋଗାକ୍ରାନ୍ତ କରୁଛି, ତାହା ତଦନ୍ତ ସାପେକ୍ଷ। ଭ୍ୟାରିଏଂଟ ଅଫ ଇନଭେଷ୍ଟିଗେସନ ଅଛି ସମୟ କହିବ କେତେଦୂର ପରିସ୍ଥିତିକୁ ବିଗାଡିବ। ଡେଲଟା ଭାଇରସର ୫୫ ଟି ଉପ ପ୍ରଜାତି ରହିଛି। ତା ଭିତରୁ ଅଳ୍ପକେତୋଟି ଲୋକଲୋଚନକୁ ଆସିଛି। ଜେନୋମିକ ଷ୍ଟଡି ଚାଲିଛି। ନୂଆ ଭାଇରସ ଯେତେବେଳେ ଆସୁଛି ତାହା କେତେ ପ୍ରଭାବ ପକାଉଛି ଜଣାପଡିବ। ଏପର୍ଯ୍ୟନ୍ତ କେତେ ସଂକ୍ରମିତ କରୁଛି ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଅଧିକ ପରୀକ୍ଷାନିରୀକ୍ଷା ଚାଲିଛି। ସମୟ କହିବ। ଏହା ଉପରେ ଆମେ ନଜର ରଖିଛୁ। ୟୁକେରେ ଏହି ନୂଆ ଭ୍ୟାରିଆଂଟ ଦେଖାଦେଇଛି। ବୁଷ୍ଟର ଡୋଜ କିଛି ଦେଶରେ ବରିଷ୍ଠ ଲୋକଙ୍କୁ ଦିଆଯାଇଛି। ଏନେଇ କେନ୍ଦ୍ର ସରକାର କୌଣସି ସ୍ପଷ୍ଟ ନିଷ୍ପତି ନେଇନାହାନ୍ତି ବୋଲି ସେ କହିଛନ୍ତି।

ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି ଯେ ବାଣ ଫୁଟିଲେ ଲଙ୍ଗସକୁ ଇଫେକ୍ଟ କରିବ। ବାଣ ସମ୍ପର୍କରେ ସରକାର ନିଷ୍ପତି ନେବେ । ଭୁବନେଶ୍ୱରରେ କରୋନା ତଳଉପର ହୋଇ ପ୍ଲାଟୋ ଷ୍ଟେଜରେ ରହିଛି। ଟ୍ରାନ୍ସମିସନ ଭଳି ପରିବେଶ ସୃଷ୍ଟି କରିବା ନାହିଁ। ଏବେ ଏଣ୍ଡାମିକ ଷ୍ଟେଜରେ ମାନେ କୋଭିଡ ରହିବ। ବୁଷ୍ଟର ଡୋଜର ଆବଶ୍ୟକତା ରହିଛି, କିନ୍ତୁ ଟେକନିକାଲ କମିଟିର ଷ୍ଟଡି ରିପୋର୍ଟ ଆସିନି ।

# ରାଜ୍ୟର ଶିଳ୍ପ ଅନୁକୂଳ ବାତାବରଣ ଓଡ଼ିଶାକୁ ଟେକ୍ସଟାଇଲ୍ ହବ୍‌ରେ ପରିଣତ କରିବ: ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ 'ମେକିଂ ଓଡ଼ିଶା ଦି ଟେକ୍ସଟାଇଲ୍ ହବ୍ ଅଫ୍ ଇଷ୍ଟ' ଶୀର୍ଷକ ଏକ ଦିନିକିଆ ସେମିନାର ଆଜି ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ରାଜ୍ୟର ଶିଳ୍ପ ଅନୁକୂଳ ବାତାବରଣ ରାଜ୍ୟକୁ ଏକ ଟେକ୍ସଟାଇଲ୍ ହବ୍‌ରେ ପରିଣତ କରିପାରିବ ବୋଲି କହିଥିଲେ । ଏହି ଅବସରରେ ମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର ରାଜ୍ୟ ସରକାର ସ୍ଥିର ନେତୃତ୍ୱ, ସ୍ୱଚ୍ଛ ଶିଳ୍ପ ନୀତି ଏବଂ କଂଚାମାଲ, ଦକ୍ଷ ଓ କୁଶଳୀ ମାନବସମ୍ବଳ, ରାଜ୍ୟର ବଳକା ବିଦ୍ୟୁତ ଇତ୍ୟାଦି ଶିଳ୍ପ ପରିମଣ୍ଡଳକୁ ବେଶ୍ ସୁହାଇ ପାରିଛି। ବିଶେଷ କରି ଇଡ୍‌କୋ ମାଧ୍ୟମରେ ନୂତନ ଶିଳ୍ପ ସୃଷ୍ଟି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଏବଂ କ୍ଲଷ୍ଟର ଆପ୍ରୋଚ୍ ଯୋଗେ ସମସ୍ତ ଆନୁଷଙ୍ଗିକ ଭିତିଭୂମିର ଉପଲବ୍ଧ ହେବା ଶିଳ୍ପ ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିଥିବା ସେ ସୂଚିତ କରିଥିଲେ । ତା'ଛଡ଼ା ରାଜ୍ୟର ପ୍ରାଚୀନ ସାମୁଦ୍ରିକ ବହିଃବ୍ୟାପାରର ଇତିହାସ ରହିଛି ବୋଲି ସେ କହିଥିଲେ ।

ପ୍ରାରମ୍ଭିକ ସୂନା ପ୍ରଦାନ କରି ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ରାଜ୍ୟର ଉତମ ବାତାବରଣ ସହ ସରକାରଙ୍କ ଶିଳ୍ପାଭିମୁଖୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଓଡ଼ିଶା କିପରି ପୁଞ୍ଜିନିବେଶ ପାଇଁ ଏକ ପ୍ରକୃଷ୍ଟ ରାଜ୍ୟ ତାହା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଟେକ୍ସଟାଇଲ୍ ସଚିବ ଉପେନ୍ଦ୍ର ପ୍ରସାଦ ସିଂ କେନ୍ଦ୍ର ସରକାରଙ୍କ ନିକଟରେ ଘୋଷିତ ପିଏଲ୍‌ଆଇ ଓ ପିଏମ୍ ମିତ୍ର ପରି ଦୁଇଟି ନୂତନ ସ୍କିମ୍ ସଂପର୍କରେ ଧାରଣା ଦେଇଥିଲେ। ଏଥି ସହିତ ସେ କ୍ଲଷ୍ଟର ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା ଲୋଜିଷ୍ଟିକ୍ ଖର୍ଚ୍ଚ ୩ରୁ ୪ ପ୍ରତିଶତ ହ୍ରାସ ହେଉଥିବା ନୂଆ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପାଇଁ ନିହାତି ଭାବେ ଏକ ସୁଯୋଗ ବୋଲି କହିଥିଲେ । ତେଣୁ ଯେଉଁ ସ୍ଥାନରେ ଏସବୁ ସୁବିଧା ଉପଲବ୍ଧ ସେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହେବାକୁ ସେ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ସରକାର ଏ ଦିଗରେ ଏକ ପେଶାଦାର ଆଭିମୁଖ୍ୟ ନେଇ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରୁଥିବା ଏକ ସୁବର୍ଣ୍ଣ ସୁଯୋଗ ଓ ଦେଶର ସାଢ଼େ ୧୦ କୋଟି ଲୋକ ଟେକ୍ସଟାଇଲ୍ ଶିଳ୍ପ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଯୋଗୁଁ ଏହାର ଗୁରୁତ୍ୱ ରହିଥିବା ସେ ପ୍ରକାଶ କରିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଏବେ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିବାରେ ପ୍ରମୁଖ ରାଜ୍ୟ ବୋଲି ପ୍ରକାଶ କରିଥିଲେ । ରାଜ୍ୟର ବିସ୍ତିର୍ଣ୍ଣ ଉପକୂଳରେ ତିନୋଟି ବନ୍ଦର ଏବଂ ଆଗକୁ ଟାଟା ଦ୍ୱାରା ପ୍ରତିଷ୍ଠା ହେବାକୁ ଯାଉଥିବା ସୁବର୍ଣ୍ଣରେଖା ବନ୍ଦର ରାଜ୍ୟର ଶିଳ୍ପ ବିକାଶକୁ ନୂତନ ସୋପାନକୁ ନେଇପାରିବ ବୋଲି ଉଲ୍ଲେଖ କରି ଟେକ୍ସଟାଇଲ ନିମନ୍ତେ ଆବଶ୍ୟକ ହେଉଥିବା ପ୍ରମୁଖ କଂଚାମାଲ ପାରାଦ୍ୱୀପ ପେଟ୍ରୋକେମିକାଲ ରିଫେନାରୀରୁ ଯୋଗାଣ ଏବେ ଏକ ଆଶୀର୍ବାଦ ହୋଇପାରିଥିବା ସେ କହିଥିଲେ।

ଆନ୍ତର୍ଜାତିକ ସ୍ତରରେ କାରବାର କରୁଥିବା ଦେଶର ପ୍ରମୁଖ ଶିଳ୍ପସଂସ୍ଥା ଯଥା ସାହି ଏକ୍ସପୋର୍ଟ, ଆଦିତ୍ୟ ବିର୍ଲା ଫେସନ୍, ପେଜ୍ ଇଣ୍ଡଷ୍ଟ୍ରିଜ୍ ଏବଂ ୱାଇଲରୁ ଲୋଟସ୍ ଏହି ସେମିନାରରେ ଅଂଶଗ୍ରହଣ କରି ରାଜ୍ୟରୁ ଅର୍ଜନ କରିଥିବା ଅଭିଜ୍ଞତା ବଖାଣିଥିଲେ । ଏଥି ସହିତ ସେମାନେ ରାଜ୍ୟର କୁଶଳୀ ମାନବସମ୍ବଳ, ଅତ୍ୟାଧୁନିକ ଭିତିଭୂମି ଯୋଗାଣ, ସରକାରୀ ସହାୟତା, ପ୍ରୋତ୍ସାହନ ରାଶି ପ୍ରଦାନ, ଏକକ ବାତାୟନ ବ୍ୟବସ୍ଥା ପ୍ରଭୃତି ସେମାନଙ୍କୁ ଶିଳ୍ପ ପ୍ରତିଷ୍ଠା କରିବା ଦିଗରେ ଯଥେଷ୍ଟ ସାହାଯ୍ୟ କରିବା ସେମାନେ ବର୍ଣ୍ଣନା କରିଥିଲେ । ଆଗକୁ ସେମାନେ ସବୁଜ ପ୍ରାନ୍ତର ସଂପ୍ରସାରଣ ଓ ପ୍ରକଳ୍ପଗୁଡ଼ିକର ବିବିଧତା ବିକାଶ ଦିଗରେ କାର୍ଯ୍ୟ କରିବାକୁ ମନସ୍ଥ କରିଥିବା ସେମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୩୦ଟି ଶିଳ୍ପସଂସ୍ଥାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରୁ ଆଇଓସିଏଲର ନିର୍ଦ୍ଦେଶକ ରାମ କୁମାର, ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ୍ କମିଶନର ତଥା ସଚିବ ଶ୍ରୀମତୀ ଶୁଭା ଶର୍ମା ପରିଚାଳନା ନିର୍ଦ୍ଦେଶକ ଇପିକଲ୍ ଭୁପେନ୍ଦ୍ର ସିଂହ ପୁନିଆ ପ୍ରମୁଖ ଏହି ଅବସରରେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ଧଉଳି ସାହିତ୍ୟ ସଂସଦର ଶିଶିର ଆସର

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗଠାରେ ଧଉଳି ସାହିତ୍ୟ ସଂସଦର ଶିଶିର ଆସରର ଆୟୋଜିତ ହୋଇଯାଇଛି। ସାହିତ୍ୟ ସଂସଦର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ଯୁବକବି ଅକ୍ଷୟ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶିବିରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଡ଼କ୍ଟର ସନ୍ତୋଷ ଦାସ, ଖ୍ୟାତନାମା ବ୍ୟଙ୍ଗ କବି ସତ୍ୟାନାଶ, ସାମାଜିକ କର୍ମୀ ବୃନ୍ଦାବନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଧଉଳି ସାହିତ୍ୟ ସଂସଦର ଅନ୍ୟତମ ସଦସ୍ୟା ସବିତା ରଥ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କବି ନିରଞ୍ଜନ ନାୟକ, ବିପିନ ବେହେରା, ଆଶୁତୋଷ ଦାସ ମଂଚ ପରିଚାଳନା ସହିତ କବିତା ସଂଯୋଜନା କରିଥିଲେ। ଏହି ସାରସ୍ୱତ ମନୋଜ୍ଞ ଆସରରେ ଯୁବକବି ବାଦଲ ମହାନ୍ତିଙ୍କ କବିତା ପୁସ୍ତକ ଛାଇ ଯେବେ ଲମ୍ବିଯାଏ ଲୋକାର୍ପିତ ହୋଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ କବି ସେମାନଙ୍କର କବିତା ପାଠ କରିଥିଲେ। ଆଧୁନିକ କବିତା, ଛାନ୍ଦ ଓ ଗୀତି କବିତା, ବ୍ୟଙ୍ଗ କବିତା ସହିତ ଡ଼କ୍ଟର ସନ୍ତୋଷ ଦାସଙ୍କ ଚାନ୍ଦ ନା ତୁମେ ତାରା... ଓ ଏଇ ଯେ ବନଲତା ପାହାଡ଼ ଗୀତରେ ଶ୍ରୋତାମାନେ ତଲ୍ଲୀନ ହୋଇଥିଲେ। ନିକଟରେ ଦୁର୍ଘଟଣାରେ ନିଜର ଦୁଇଗୋଡ଼ ହରାଇଥିବା ସାହିତ୍ୟ ସଂସଦର ଜଣେ ନିୟମିତ ସାଥୀ କବି ସର୍ବଗିଳା ମୋବାଇଲ ଜରିଆରେ ନିଜର କବିତା ଆବୃତି କରି ଶୁଣାଇଥିଲେ। ଏହି ଆସର ପରିଚାଳନାରେ ସୁମନ୍ତ ସୁବୁଦ୍ଧିଙ୍କ ସମେତ ଧଉଳି ସାହିତ୍ୟ ସଂସଦର ଅନ୍ୟ ସମସ୍ତ ବନ୍ଧୁମାନେ ସହଯୋଗ କରିଥିଲେ। ପ୍ରେମରେ ନ ପଡ଼ିଲେ କେହି କେବେ କବିତା ଲେଖିପାରେନି। ସେ ଈଶ୍ୱର ପ୍ରେମ ହେଉ ବା ତାତ୍ସଲ୍ୟ ପ୍ରେମ। କବି ନିଜ ଅନ୍ତର ଭିତରେ ଦିବ୍ୟ ଆବେଗକୁ ଅନୁଭବ କରି ଶବ୍ଦରେ ରୂପ ଦେଇଥାନ୍ତି ବୋଲି ଅତିଥିମାନେ ସୁଚାଇଥିଲେ। ବ୍ୟଙ୍ଗ କବି ସତ୍ୟାନାଶ ନିଜ ବ୍ୟଙ୍ଗ ତଥା ବ୍ୟଞ୍ଜନା ମାଧ୍ୟମରେ ଶରୀର ଆମର ଏବଂ ଆତ୍ମା ନଶ୍ୱର ବୋଲି ପ୍ରତିପାଦିତ କରି ହସାଇ ହସାଇ ସମସ୍ତଙ୍କୁ ବେଦମ କରାଇଥିଲେ।

# କୃଷ୍ଣପ୍ରସାଦ ବ୍ଲକ୍ ଦ୍ୱୀପାଂଚଳର ବ୍ୟାଙ୍କ ସମସ୍ୟା ସୁଧାରିବା ନେଇ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍ ର ଚିଲିକା ଦ୍ୱୀପାଂଚଳ ମଧ୍ୟରେ ଥିବା ନୂଆପଡ଼ା ସେବା ସମବାୟ ସମିତି, ବଡ଼ଝାଡ଼ ସେବା ସମବାୟ ସମିତି, ଅଲଣ୍ଡା ସେବା ସମବାୟ ସମିତି ଓ ତିତିପ ସେବା ସମବାୟ ସମିତି ପ୍ରମୁଖ ୪ଟି ସୋସାଇଟି ଅନ୍ତର୍ଗତ ସମସ୍ତ ଚାଷୀ ଓ ଉପଭୋକ୍ତାଙ୍କ ଦୀର୍ଘଦିନର ଦାବି ଓ ସମ୍ମୁଖୀନ ହେଉଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଜି ରାଜ୍ୟ ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚିଲିକା ଦ୍ୱୀପାଂଚଳ ମଧ୍ୟରେ ଥିବା ୪ଟି ସୋସାଇଟିର ହିତାଧିକାରୀମାନଙ୍କ ପାଇଁ କୃଷ୍ଣପ୍ରସାଦ (ଦ୍ୱୀପାଂଚଳ) ମଧ୍ୟରେ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଏକ ସ୍ୱତନ୍ତ୍ର ଶାଖା ପ୍ରତିଷ୍ଠା କରିବା ସହିତ ଚଳିତ ବର୍ଷ କ୍ଷତିଗ୍ରସ୍ତ ଚାଷୀମାନେ କିଭଳି ଭାବେ ସେମାନଙ୍କ ବୀମା ଦାବି ସଠିକ୍ ଭାବେ ପାଇପାରିବେ ତା'ଉପରେ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ତଥା ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ବୈଠକରେ ଯୋଗଦେଇ କୃଷ୍ଣପ୍ରସାଦ ଦ୍ୱୀପାଂଚଳରେ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ସଂପ୍ରସାରିତ (ଏକ୍ସଟେନସନ) କାଉଂଟର କାର୍ଯ୍ୟକ୍ଷମ କରିବା ସହିତ ଏହି ୪ଟି ସୋସାଇଟି ଅନ୍ତର୍ଗତ ସମସ୍ତ ହିତାଧିକାରୀ ଓ ଚାଷୀ ଭବିଷ୍ୟତରେ ଯେଭଳି କୌଣସି ସମସ୍ୟାରେ ସମ୍ମୁଖୀନ ନହେବେ ସେଥିପ୍ରତି ପଦକ୍ଷେପ ନେବାକୁ ରାଜ୍ୟ ସମବାୟ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ତୁରନ୍ତ ଏ ସଂପର୍କରେ ସରକାରୀ ନିଷ୍ପତି ନେବା ପାଇଁ ନିଜର ମତ ରଖିଥିଲେ । ଏହି ବୈଠକରେ ଭୁବନେଶ୍ୱର ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସଚିବ, ପୁରୀ ଜିଲ୍ଲା ପ୍ରଶାସନ ତଥା ସମବାୟ ବିଭାଗର ବରିଷ୍ଠ ଅଧିକାରୀ ଓ ୪ଟି ସୋସାଇଟିର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଡିଜିଟାଲ୍ କ୍ଷେତ୍ରରେ ଦକ୍ଷ ହେବେ ଛାତ୍ରଛାତ୍ରୀ, ଶିକ୍ଷକ

ଭୁବନେଶ୍ୱର ,୨୬/୧୦ (ନି.ପ୍ର): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟେକ୍ନୋଲୋଜି ଓ ପଠନଶୈଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ ଲାଗି ଆଜି 'କ୍ୱେଷ୍ଟ ଆଲିଆନ୍ସ' ଓ 'ମୋ ସ୍କୁଲ୍ ଅଭିଯାନ' ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଆସନ୍ତା ୩ ବର୍ଷରେ ୪ ହଜାର ହାଇସ୍କୁଲ୍‌ର ୨୦ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଓ ୧୬ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ କ୍ଷେତ୍ରରେ ଦକ୍ଷ କରାଯିବ। ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଷ୍ଟେମ୍'(ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଂଜିନିୟରିଂ, ଗଣିତ) ଶିକ୍ଷାର ପ୍ରଚାରପ୍ରସାର କ୍ଷେତ୍ରରେ 'ମୋ ସ୍କୁଲ୍' ଓ 'କ୍ୱେଷ୍ଟ ଆଲିଆନ୍ସ' ମିଳିତ ଭାବେ କାର୍ଯ୍ୟ କରିବେ। 'କ୍ୱେଷ୍ଟ ଆଲିଆନ୍ସ'ର ବିଶେଷଜ୍ଞ ଟିମ୍ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ ଅଧିବେଶନ ଆୟୋଜନ କରିବେ।

ପ୍ରତ୍ୟେକ ବିଦ୍ୟାଳୟରୁ ଦୁଇଜଣ ଲେଖାଏଁ ଶିକ୍ଷକଙ୍କୁ ମନୋନୀତ କରାଯାଇ ସେମାନଙ୍କୁ ପ୍ରଶିକ୍ଷକ ଭାବେ ବିକଶିତ କରାଯିବ। ପରବର୍ତ୍ତୀ ସମୟରେ ସେମାନେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ପ୍ରଶିକ୍ଷିତ କରିବେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ସହ ସେମାନଙ୍କୁ ଲାଇଫ୍ ସ୍କିଲ୍ ସମ୍ପର୍କରେ ମଧ୍ୟ ଅବଗତ କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସହଭାଗିତାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ନିୟମିତ ବ୍ୟବଧାନରେ ଅଭିଭାବକଙ୍କୁ ନେଇ ୱେବିନାରର ଆୟୋଜନ କରାଯିବ ଏବଂ ପିଲାଙ୍କ ପାଠପଢ଼ା, ସେମାନଙ୍କ ଶୈକ୍ଷିକ ବିକାଶ ସମ୍ପର୍କରେ ଅବଗତ କରାଯିବ।

# ବିଜୁ କୃଷକ ବିକାଶ ଯୋଜନାରେ ୨୯୧୧ଟି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଅନୁମୋଦନ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ବିଜୁ କୃଷକ ବିକାଶ ଯୋଜନାରେ ବିଭିନ୍ନ ପ୍ରକାର ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟସ୍ତରୀୟ ଚୟନ କମିଟି( ସ୍କ୍ରିନିଂ କମିଟି ) ର ୨୨ ତମ ବୈଠକ ଆଜି ଅପରାହ୍ନରେ ଜଳସଂପଦ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୯୧୧ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ(କ୍ଲିପ) ନିର୍ମାଣ ପାଇଁ ପ୍ରସ୍ତାବ ଅନୁମୋଦନ ଅନୁମୋଦନ କରାଯାଇଛି । ତନ୍ମଧ୍ୟରେ ୨,୦୨୨ଟି ରିଭର ଲିଫ୍ଟ ପ୍ରକଳ୍ପ (ନଦୀ-ଉଠାଜଳସେଚନ ପ୍ରଣାଳୀରେ ଜଳସେଚନ) ଓ ୬୨୭ ଟି ନଳକୂପ ପ୍ରକଳ୍ପ ନିର୍ମାଣ ପାଇଁ ଚୟନ କମିଟିରେ ଅନୁମୋଦନ କରାଯାଇଛି । ବିକେବିୱାଇ ପ୍ରକଳ୍ପ କାର୍ଯକାରୀ ହେଉଥିବା ରାଜ୍ୟର କେବିକେ ଅଂଚଳର ୬ଟି ଜିଲ୍ଲା ଓ ଅଣ କେବିକେ ଜିଲ୍ଲାର ୨୧ଟି ଜିଲ୍ଲା ଏହିପରି ମୋଟ ୨୭ଟି ଜିଲ୍ଲାର ୨୨୧ଟି ବ୍ଲକରେ ୯୮,୧୯୫.୧୧ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ପ୍ରକଳ୍ପସବୁ କାର୍ଯ୍ୟକାରୀ ହେବ। ଫଳରେ ନକ୍ସାଙ୍କନ କରାଯାଇଥିବା ୫୬ ହଜାର ୮୯୦ ହେକ୍ଟର ଆୟାକଟ ଅଂଚଳକୁ ଅତିରିକ୍ତ ଜଳସେଚନ ସୁବିଧା ମିଳିବ। ନାବାର୍ଡର ରାଜ୍ୟ ଗ୍ରାମୀଣ ଭିତିଭୂମି ଉନ୍ନୟନ ସହାୟତା ପାଣ୍ଠି ଅର୍ଥରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ । ଏଥି ସହିତ ଜଳବାୟୁ ପରିବର୍ତନକୁ ଦୃଷ୍ଟିରେ ରଖି ପୋଷଣୀୟ ଜଳସେଚନ ସୁବିଧା ନିମନ୍ତେ ଭୂତଳ ଜଳର ପୁନର୍ଭରଣ ପାଇଁ ୨୬୨ଟି ପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିବା ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ସୂଚନା ଦେଇଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳସଂପଦ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ଓଡିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ, ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ବାଲେଶ୍ୱର ନାଥ ସାହୁ, ବିଭାଗର ଅତିରିକ୍ତ ଶାସନ ସଚିବ ସୁବ୍ରତ କୁମାର ପଣ୍ଡା ଓ ବିଶ୍ୱଜିତ ବିଶ୍ୱାଳ, ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ ଯୋଜନା ଓ ନକ୍ସାଙ୍କନ, ମୁଖ୍ୟ ଯନ୍ତ୍ରୀ( କ୍ଷୁଦ୍ର ଜଳସେଚନ), ମୁଖ୍ୟ ଯନ୍ତ୍ରୀ(ଭୂତଳ ଜଳ)ଙ୍କ ସମେତ ରାଜ୍ୟ ଯୋଜନା ଓ ସଂଯୋଜନ, ଅର୍ଥ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗର ପ୍ରତିନିଧିବୃନ୍ଦ ତଥା କମିଟିର ଅନ୍ୟ ସଦସ୍ୟ, ସଦସ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନିର୍ମାଣ କାର୍ଯ୍ୟ ସରଳୀକରଣ ପାଇଁ ପୂର୍ବତଟ ରେଳପଥ ୟୁନିଫାଏଡ୍ ଷ୍ଟାଣ୍ଡାର୍ଡ ସିଡ୍ୟୁଲ୍ ଅଫ୍ ରେଟ୍ ଗ୍ରହଣ କରିବ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ପୋଲ ନିର୍ମାଣ କାର୍ଯ୍ୟ, କାର୍ଯ୍ୟ ଗଠନ ଏବଂ ରେଳ ଧାରଣା ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ (ପରମାନେଂଟ ୱେ ୱାର୍କ୍ସ) ଗୁଡିକର କାର୍ଯ୍ୟକାରିତା ପାଇଁ ପୂର୍ବତଟ ରେଳପଥ ଏକୀକୃତ ମାନଦଣ୍ଡ ଅନୁସୁଚୀ (ୟୁନିଫାଏଡ୍ ଷ୍ଟାଣ୍ଡାର୍ଡ ସିଡ୍ୟୁଲ୍ ଅଫ୍ ରେଟ) ଗ୍ରହଣ କରିବାକୁ ଯାଉଛି । ଏହି ପ୍ରକ୍ରିୟା ସମସ୍ତ ରେଳ ସିଭିଲ୍ ଇଞ୍ଜିନିୟରର୍ମାନଙ୍କ ପାଇଁ ଯଥେଷ୍ଟ ଉପଯୋଗୀ ହେବ। ଏହା ନିର୍ମାଣ, ରକ୍ଷଣାବେକ୍ଷଣ, କାର୍ଯ୍ୟ ଗଠନ, ପୋଲ କାର୍ଯ୍ୟ ଏବଂ ପରମାନେଂଟ ୱେ କାର୍ଯ୍ୟ ପାଇଁ ଉନ୍ନତ ମାନର ମାନଦଣ୍ଡ ସହିତ ମିତ୍ୱ୍ୟୟିତା, ସ୍ଥାୟୀତ୍ୱ, ଗୁଣବତା, ଉନ୍ନତ ସୌନ୍ଦର୍ଯ୍ୟ ଏବଂ ନିରାପତା ପାଇଁ ମଧ ଉପଯୋଗୀ ହେବ । ଏହା ସହିତ ଶ୍ରମ ଏବଂ ସାମଗ୍ରୀର ମୌଳିକ ନିବେଶ ମୂଲ୍ୟ ମଧ ଅନ୍ତର୍ଭୂକ୍ତ କରାଯାଇଛି । ପୂର୍ବ ତଟ ରେଳପଥ ଏହାର ଅଧିକାର ଅଧୀନରେ ପ୍ରଥମ ୟୁନିଫାଏଡ୍ ଷ୍ଟାଣ୍ଡାର୍ଡ ସିଡ୍ୟୁଲ୍ ଅଫ୍ ରେଟ୍ -୧୯ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଛି। ଏହି ପ୍ରକ୍ରିୟା ରେଳ ବିଭାଗର ସିଭିଲ୍ ଇଞ୍ଜିନିୟରର୍ସଙ୍କ ଦ୍ୱାରା ମଧ ଦାବି କରାଯାଇଥିଲା । ରେଳବାଇ ବୋର୍ଡ ସମସ୍ତ ଜୋନାଲ ରେଳବାଇ, ରେଳବାଇ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ (ପିଏସୟୁ) ଏବଂ ଉତ୍ପାଦନ ୟୁନିଟ୍ ଗୁଡିକୁ ନିର୍ମାଣ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ପାଇଁ ଉପରୋକ୍ତ ୟୁନିଫାଏଡ୍ ଷ୍ଟାଣ୍ଡାର୍ଡ ସୂଚୀ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଆଜି ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଏବଂ ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ୟୁଏସଏସଓଆର ୨୦୧୯ କୁ ଉନ୍ମୋଚନ କରିଛନ୍ତି ।

# ପୂର୍ବତଟ ରେଳପଥରେ ନିର୍ମାଣ କାର୍ଯ୍ୟ ସରଳୀକରଣ ହେବ



ଭୁବନେଶ୍ୱର,୨୬/୧୦ (ନି.ପ୍ର): ରେଳ ପୋଲ ନିର୍ମାଣ କାର୍ଯ୍ୟ, କାର୍ଯ୍ୟଖସଡ଼ା ପ୍ରସ୍ତୁତି ଓ ରେଳଧାରଣାର ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ପୂର୍ବତଟ ରେଳପଥ ଏକୀକୃତ ମାନଦଣ୍ଡ ଅନୁସୂଚୀ(ୟୁନିଫାଏଡ୍ ଷ୍ଟାଣ୍ଡାର୍ଡ ସିଡ୍ୟୁଲ୍ ଅଫ୍ ରେଟ୍ ତଥା ୟୁଏସ୍‌ଏସ୍‌ଓଆର) ଗ୍ରହଣ କରିବାକୁ ଯାଉଛି। ଏହି ପ୍ରକ୍ରିୟା ସମସ୍ତ ରେଳ ସିଭିଲ୍ ଇଞ୍ଜିନିୟରମାନଙ୍କ ପାଇଁ ସହାୟକ ହେବ। ନିର୍ମାଣ, ରକ୍ଷଣାବେକ୍ଷଣ, କାର୍ଯ୍ୟ ଗଠନ, ପୋଲ କାର୍ଯ୍ୟ ପାଇଁ ଉନ୍ନତମାନର ମାନଦଣ୍ଡ ସହ ମିତବ୍ୟୟିତା, ସ୍ଥାୟିତ୍ୱ, ଗୁଣବତ୍ତା, ଉନ୍ନତ ସୌନ୍ଦର୍ଯ୍ୟ ଓ ନିରାପତ୍ତା ଲାଗି ବେଶ୍ ଉପଯୋଗୀ ହେବ। ଏଥିସହ ଶ୍ରମ ଓ ସାମଗ୍ରୀର ମୌଳିକ ନିବେଶ ମୂଲ୍ୟ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବତଟ ରେଳପଥ ଅଧୀନରେ ପ୍ରଥମ ୟୁଏସ୍‌ଏସ୍‌ଓଆର-୧୯ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଛି। ଏହି ପ୍ରକ୍ରିୟା ରେଳ ବିଭାଗର ସିଭିଲ୍ ଇଞ୍ଜିନିୟରଙ୍କ ଦ୍ୱାରା ମଧ୍ୟ ଦାବି କରାଯାଇଥିଲା। ରେଳବାଇ ବୋର୍ଡ ସମସ୍ତ ଜୋନାଲ ରେଳବାଇ, ରେଳବାଇ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ(ପିଏସୟୁ) ଓ ଉତ୍ପାଦନ ୟୁନିଟ୍‌ର ନିର୍ମାଣ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ପାଇଁ ଉପରୋକ୍ତ ୟୁନିଫାଏଡ୍ ଷ୍ଟାଣ୍ଡାର୍ଡ ସୂଚୀ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଆଜି ରେଳ ସଦନଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଓ ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ୟୁଏସ୍‌ଏସ୍‌ଓଆର ୨୦୧୯କୁ ଉନ୍ମୋଚନ କରିଛନ୍ତି।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୪୩୩ କରୋନା ପଜିଟିଭ୍ ଚିହ୍ନଟ: ୬୪ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୩୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୫୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୮୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୬୪ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୦୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱରରୁ ୮ ଜଣ, ବରଗଡ଼ରୁ ୬ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରୁ ୧ ଜଣ, କଟକରୁ ୩୬ ଜଣ, ଦେବଗଡ଼ରୁ ୮ ଜଣ, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୨ ଜଣ, ଜଗତସିଂହପୁରରୁ ୧୪ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୨ ଜଣ, କଳାହାଣ୍ଡିରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧୧ ଜଣ, ଖୋର୍ଦ୍ଧାରୁ ୨୦୭ ଜଣ, ମୟୂରଭଞ୍ଜରୁ ୧୫ ଜଣ, ନୟାଗଡ଼ରୁ ୪ ଜଣ, ନୂଆପଡ଼ାରୁ ୯ ଜଣ, ପୁରୀରୁ ୮ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୧୭ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୧୨ ଜଣ ଓ ଷ୍ଟେଟ ପୁଲରୁ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୩୯ ହଜାର ୨୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୨୬ ହଜାର ୨୭୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୪ ହଜାର ୬୨୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ୨୬ ଓ ୨୭ରେ ରାଜ୍ୟର ସବୁ ଏସ୍‌ପି ଅଫିସ୍ ଘେରାଉ କରିବ ବିଜେପି

ଭୁବନେଶ୍ୱର,୨୬/୧୦ (ନି.ପ୍ର): ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଏବଂ ଗିରଫ କରିବା ଦାବିରେ ୨୬ ଓ ୨୭ତାରିଖରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହେବ ବୋଲି ବିଜେପି ଯୁବମୋର୍ଚ୍ଚା ସଭାପତି ଇରାଶିଶ୍ ଆଚାର୍ଯ୍ୟ କହିଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାର ଓ ଶାସକ ଦଳ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ। ଏହି ଘଟଣା ନୂଆ ନୁହେଁ। ମାଧବୀଲତା, ଇତିଶ୍ରୀ, ବେବିନା, କୁନ୍ଦୁଲି ପୀଡ଼ିତା, ପରୀ, ସ୍ମିତାରାଣୀ, ମାହଙ୍ଗା ଡବଲ୍ ମର୍ଡର, ସେଚ୍ଚୀମ୍ୟରଞ୍ଜନ ଭଳି ହତ୍ୟାକାଣ୍ଡରେ ପୁଲିସ ଯେପରି ଶାସକ ବିଜେଡି ଚାପରେ କେସ୍‌ରେ ଅବହେଳା କଲା ତାହା ଏଠାରେ ବି ଦେଖିବାକୁ ମିଳିଛି। ଲୋକଦେଖାଣିଆ ଭାବେ ଜଣେ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଇ ମନ୍ତ୍ରୀଙ୍କୁ ଖସାଇଦେବାର ଚକ୍ରାନ୍ତ କରାଯାଉଛି। ମୃତ ଶିକ୍ଷୟିତ୍ରୀ ମମିତା ଦୀର୍ଘ ୭ମାସ ଧରି ଛୁଟିରେ ଘରେ ଥିଲେ ହେଁ ତାଙ୍କୁ ଅଭିଯୁକ୍ତ ଗୋବିନ୍ଦ ସାହୁ ଚକ୍ରାନ୍ତ କରି ଘରୁ ଡାକିଥିଲା ବୋଲି ପୁଲିସ ନିଜେ ପ୍ରକାଶ କରିଛି। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଅନୈତିକ କାରବାରରେ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ସଂପୃକ୍ତି ସମ୍ପର୍କରେ ମମିତାଙ୍କ ପିତାମାତାଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମାଜିଷ୍ଟ୍ରେଟଙ୍କ ଆଗରେ କାହିଁକି ବୟାନ ରେକର୍ଡ କରାଯାଇନାହିଁ ? ପୁଲିସକୁ ହାତବାରିସୀ କରି ବିଜେଡି ଏଭଳି ଜଘନ୍ୟ ଓ ବର୍ବରୋଚିତ ହତ୍ୟାକାଣ୍ଡକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର କରୁଛି। ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା ସହ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଉ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଅର୍ପିତା ଅପରାଜିତା ବଡ଼ଜେନା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ମନୋଜ ପଣ୍ଡିମ କବାଟ ପ୍ରମୁଖ ଉପସ୍ଥିତ ଥିଲେ।

## ଜାମକୁଣ୍ଡାରେ କଂଗ୍ରେସର ମିଶ୍ରଣ ପର୍ବ

ବାଲିଆପାଳ,୨୬/୧୦ (ନି.ପ୍ର): ଆଗକୁ ପଂଚାୟତ ନିର୍ବାଚନ ଥିବା ବେଳେ ଏନେଇ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି । ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଗ୍ରାମ ପଂଚାୟତର ବହୁ ବିଜେଡି କର୍ମୀ ଦଳ ଛାଡି ଆଜି କଂଗ୍ରେସରେ ସାମିଲ ହୋଇଛନ୍ତି । ବ୍ଲକ ଅଧ୍ୟକ୍ଷ ବିଜନ ନାୟକଙ୍କ ଉପସ୍ଥିତିରେ ଶିବ ଖଣ୍ଡା, ରାମଚନ୍ଦ୍ର ଖଣ୍ଡା, ଭୀମଚରଣ ଖଣ୍ଡା, ବନମାଳୀ ପଣ୍ଡା, ଲକ୍ଷ୍ମୀଧର ରାଉଳ, ରବୀନ୍ଦ୍ର ରାଉଳ, ବାବୁଲି ମାହାନା ପ୍ରମୁଖ କଂଗ୍ରେସର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ମନ୍ମଥ କୁମାର ସିଂ, ଜଗନ୍ନାଥ ମାହାନା, ବିଜୟ ଗିରି, ଗୟାଧର ଦାସ, ଚକ୍ରଧର ସାହୁ, ବିନୋଦ ବିହାରୀ ଜେନା, ଦିଲୁ ଜେନା, କମଳାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୧୬ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୟୁରଭଂଜ ଜିଲ୍ଲାରୁ ୨ ଜଣ ପ୍ରାଣ ହରାଇଥିବା ବେଳେ ଜଗତସିଂହପୁର ଓ ଖୋର୍ଧା ଜିଲ୍ଲାରେ ୧-୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ଶହେ କୋଟି ଟିକାଦାନ ସମ୍ପର୍କୀତ ୱେବିନାର ଆଲୋଚନାଚକ୍ର

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଦେଶରେ ସମ୍ପୂର୍ଣ୍ଣ ସଂସାଧନ ନ ଥାଇ ମଧ୍ୟ ସ୍ୱଳ୍ପକାଳ ମଧ୍ୟରେ ଶହେ କୋଟି ଡୋଜ କରୋନା ପ୍ରତିଷେଧକ ଟିକା ଦିଆଯାଇ ବିଶ୍ୱରେ ଏକ ସର୍ବକାଳୀନ ରେକର୍ଡ କରାଯାଇଛି ବୋଲି ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ରାଜ୍ୟରେ ଥିବା ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କୀତ ଆୟୋଜିତ ୱେବିନାର ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ଚୌଧୁରୀ କହିଛନ୍ତି ଯେ ବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକ ନିକଟରେ ସମସ୍ତ ସାଧନ ଥାଇ ମଧ୍ୟ ସେମାନେ ଟିକାର ଉଦ୍ଭାବନ ଏବଂ ଟିକାକରଣ କ୍ଷେତ୍ରରେ ଭାରତର ସହଯୋଗ ଲୋଡୁଛନ୍ତି । ଏହା ସତ୍ତ୍ୱେ ଆହୁରି ବହୁ ସଂଖ୍ୟକ ଲୋକ ଦ୍ୱିତୀୟ ଡୋଜ ଟିକା ନେଇପାରିନାହାନ୍ତି । ଦୈନନ୍ଦିନ ଜୀବନର ବହୁ ସ୍ଥଳରେ ଟିକାକରଣ ପ୍ରମାଣପତ୍ର ଆବଶ୍ୟକ ହେଉଥିବାରୁ ଦୁଇଟି ଡୋଜ ଟିକା ସମସ୍ତେ ନେବା ଉଚିତ ବୋଲି ଶ୍ରୀ ଚୌଧୁରୀ



କହିଥିଲେ । ରାଜ୍ୟ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ତାପସ କୁମାର ପାତ୍ର ଟିକାଦାନ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ଏହା କୋଭିଡ ସଂକ୍ରମଣରୁ ସୁରକ୍ଷା ଦେବା କ୍ଷେତ୍ରରେ ଏକ ଫଳପ୍ରଦ ବ୍ୟବସ୍ଥା । ଖୁବ୍ କମ୍‌ଦିନ ମଧ୍ୟରେ ୨ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତଙ୍କ ପାଇଁ ଟିକାଦାନ ବ୍ୟବସ୍ଥା କରାଯାଉଛି । ତେଣୁ ସମସ୍ତେ ନେବା ଉଚିତ ବୋଲି କହିଥିଲେ ବିଶିଷ୍ଟ ଲେଖକ ଡକ୍ଟର ସଞ୍ଜିତ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରି ଜନଚେତନା ସୃଷ୍ଟି କ୍ଷେତ୍ରରେ ନାଟକ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ । ବିଶିଷ୍ଟ ଲେଖକ ଡକ୍ଟର ସଙ୍ଗୀତା ଗୋସାଇଁ ଜନଚେତନା କ୍ଷେତ୍ରରେ କଳାକାରମାନଙ୍କ ଭୂମିକା ବର୍ଣ୍ଣନା କରିଥିଲେ । ନିଜର ସମସ୍ତ କଷ୍ଟକୁ ଭୁଲି କଳାକାର ସମାଜର ମଙ୍ଗଳରେ କଳା ପରିବେଷଣ କରେ । ଏପରିସ୍ଥଳେ ଟିକାକରଣ କ୍ଷେତ୍ରରେ କୌଣସି ଗୁଜବ କିମ୍ବା ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ସମସ୍ତେ ଟିକା ନେବାକୁ ଆଗେଇ ଆସିବା ଉଚିତ ବୋଲି କହିଥିଲେ । ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ପ୍ରାକ୍ ସୂଚନ ଦେଇ ଭାଷାର ବ୍ୟବହାରରେ କଳାକାରମାନେ ସମାଜରେ ପରିବର୍ତ୍ତନ ଆଣିପାରନ୍ତି ବୋଲି କହିଥିଲେ । ବର୍ତ୍ତମାନ କରୋନା ସଂକ୍ରମଣକୁ ପ୍ରତିହତ କରିବାରେ କଳାକାରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ମହେନ୍ଦ୍ର କୁମାର ଜେନାଙ୍କ ଆବାହକତ୍ୱ ଏବଂ ବିଭାଗୀୟ କଳାକାର ଶ୍ରୀ ହିମାଂଶୁ ଶେଖର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ୱେବିନାର ଆଲୋଚନାଚକ୍ରରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଏବଂ ସାମାଜିକ କର୍ମୀ ଯୋଗଦେଇଥିଲେ । ଆସନ୍ତା ନଭେମ୍ବର ମାସଠାରୁ ସପ୍ତାହ ବ୍ୟାପୀ ଜନଚେତନା କାର୍ଯ୍ୟକ୍ରମ ରାଜ୍ୟର କନ୍ଧମାଳ, ନବରଙ୍ଗପୁର, ମୟୂରଭଞ୍ଜ ଏବଂ ଗଜପତି ଜିଲ୍ଲାରେ ଆୟୋଜନ କରାଯାଉଛି । ଏଥିରେ ବିଭାଗୀୟ କଳାକାର ଏବଂ ପଞ୍ଜୀକୃତ କଳାକାରମାନେ ମିଳିତ ଭାବେ ନାଟକ, ଯାଦୁଖେଳ ଆଦି ପାରମ୍ପାରିକ ମନୋରଞ୍ଜନ ମାଧ୍ୟମରେ କରୋନା ସମ୍ପର୍କୀତ ଜନଚେତନା ସୃଷ୍ଟି କରିବା କାର୍ଯ୍ୟକ୍ରମ ରହିଛି ।

# ପାରାଦୀପ ବନ୍ଦରର ନୂଆ ଉପସଂରକ୍ଷକ ହେଲେ କ୍ୟାପ୍ଟେନ୍ ଅଲେଖ ଚରଣ ସାହୁ

ପାରାଦୀପ,୨୬/୧୦ (ନି.ପ୍ର): ପାରାଦୀପ ବନ୍ଦରର ନୂଆ ଉପସଂରକ୍ଷକ( ଡେପୁଟି କନ୍‌ଜର୍‌ଭେଟର) ଭାବେ କ୍ୟାପ୍ଟେନ୍ ଅଲେଖ ଚରଣ ସାହୁଙ୍କୁ ନିଯୁକ୍ତି ମିଳିଛି । କ୍ୟାପ୍ଟେନ୍ ସାହୁ ଏବେ ପାରାଦୀପ ବନ୍ଦରର ହାରବର୍ ମାଷ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ମଙ୍ଗଳବାର ଦିନ ଭାରତ ସରକାରଙ୍କ ଅଣ୍ଡର ସେକ୍ରେଟାରୀ ରାଜୀବ ନୟନ ଅଫିସ୍ ଅର୍ଡର ନମ୍ବର ୩୪/୨୦୨୧ ରେ ଏକ ଚିଠି କରିଛନ୍ତି । ଗତ ମେ ମାସରେ ପାରାଦୀପ ବନ୍ଦରର ଉପସଂରକ୍ଷକ( ଡେପୁଟି କନ୍‌ଜର୍‌ଭେଟର)



କ୍ୟାପ୍ଟେନ୍ ଅତୁଲ୍ୟ କୁମାର ମହାପାତ୍ର ଅବସର ଗ୍ରହଣ କରିଥିଲେ । ଶ୍ରୀ ସାହୁ ସେହି ଦିନ ଠାରୁ ଏହି ଦାୟିତ୍ୱରେ ଥିଲେ । ଶ୍ରୀ ସାହୁଙ୍କ ନିଯୁକ୍ତି ପରେ ଦୀର୍ଘ ଦିନ ଧରି ଖାଲି ପଡିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ହୋଇଛି । ପ୍ରକାଶଥାଉକି, ପାରାଦୀପ ବନ୍ଦରକୁ ଜାହାଜ ଯାତାୟତର ଦାୟିତ୍ୱ ବନ୍ଦରର ମେରାଇନ୍( ସାମୁଦ୍ରିକ) ବିଭାଗର । ଏହି ବିଭାଗର ମୁଖ୍ୟ ହେଉଛନ୍ତି ଉପସଂରକ୍ଷକ ବା ଡେପୁଟି କନ୍‌ଜର୍‌ଭେଟର । ମହାମାରୀ କରୋନା ଓ ବିଭିନ୍ନ ସାମୁଦ୍ରିକ ଝଡ ବାତ୍ୟା ସମୟରେ ବି ପାରାଦୀପ ବନ୍ଦରରେ ଜାହାଜ ଚଳାଚଳ କାର୍ଯ୍ୟ ବନ୍ଦର ମେରାଇନ୍ ବିଭାଗ ଦ୍ୱାରା ସୂଚାରୁ ରୂପେ ସମ୍ପାଦିତ ହୋଇଛି । ଏହି ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି କ୍ୟାପ୍ଟେନ୍ ସାହୁ ।

# ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଉଦ୍‌ଘାଟିତ

ପାରାଦୀପ,୨୬/୧୦ (ନି.ପ୍ର): ମଙ୍ଗଳବାର ଦିନ ପୂର୍ବାହ୍ନରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି । ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହାରାନାଦ୍ ଅନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କୋଭିଡ୍-୧୯ ଗାଇଡ୍‌ଲାଇନ୍ ପାଳନ ସହିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନ୍ଦର ଅଧ୍ୟକ୍ଷ ବନ୍ଦରର ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ସେଠାରେ ବନ୍ଦର କର୍ମଚାରୀମାନଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମର



ଆୟୋଜନ କରାଯାଇଥିଲା । ଆଗାମୀ ଦିନରେ ପାରାଦୀପ ବନ୍ଦରର ଅର୍ଥନୈତିକ କାରବାର(ବିଲିଙ୍ଗ ସିଷ୍ଟମ୍) ରେ ସ୍ୱଚ୍ଛତା ଆଣିବା ପାଇଁ ଅନ୍‌ଲାଇନ୍ ବିଲ୍ ପ୍ରୋସେସିଙ୍ଗ ଆଣ୍ଡ ପେମେଣ୍ଟ ସିଷ୍ଟମ୍ ଆରମ୍ଭ ହେବ ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହାରାନାଦ୍ ଘୋଷଣା କରିଥିଲେ । ଏହା ଦ୍ୱାରା ବନ୍ଦରର ଠିକାଦାର ଓ ଅନ୍ୟ ଭେଣ୍ଡରମାନେ ଡିଜିଟାଲ୍ ପ୍ଲାଟଫର୍ମରେ ପେମେଣ୍ଟ ପାଇବାରେ ଉପକୃତ ହେବେ । ବନ୍ଦରର ବିଭିନ୍ନ ବିଭାଗର କର୍ମଚାରୀମାନେ ମଧ୍ୟ ଏହି ଅବସରରେ ଶପଥ ପାଠ କରିଥିଲେ । ସହରର ବିଭିନ୍ନ ସ୍ଥାନମାନଙ୍କରେ ସଚେତନତାର ବାର୍ତ୍ତା ସହିତ ହୋଡିଙ୍ଗସ୍‌ମାନ ଲଗାଯିବ । ଆସନ୍ତା ନଭେମ୍ବର ୧ ତାରିଖ ଦିନ ପୁରସ୍କାର ବିତରଣ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ବୋଲି ପାରାଦୀପ ବନ୍ଦରର ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାର ରୁ ସୂଚନା ମିଳିଛି ।

# ବିଦ୍ୟୁତ କର୍ମଚାରୀ ସଂଘର କର୍ମୀ ସମ୍ମିଳନୀ

## ଠିକା ବିଦ୍ୟୁତ କର୍ମଚାରିଙ୍କ ସର୍ବନିମ୍ନ ଦରମା ୨୦ହଜାର କରାଯିବା ଦାବି



ବାରିପଦା,୨୬/୧୦ (ନି.ପ୍ର): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ମୁଷାମାରୀ କଲ୍ୟାଣ ମଂଡପ ଠାରେ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘର ସାଧାରଣ ସଂପାଦକ ତାରାକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ନାଥ ବେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସଂଘର ସହ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ସେଠୀ ଓ ଶଶାଙ୍କ ବେହେରାଙ୍କ ସହିତ କାର୍ଯ୍ୟାଳୟ ସମ୍ପାଦକ ବୃନ୍ଦାବନ ମହାନ୍ତି ବାଲେଶ୍ୱର ଡିଭିଜନ ସମ୍ପାଦକ ସପନ ଦାସ ଅତିଥି ଭାବରେ ଉପସ୍ଥିତ ରହି କର୍ମଚାରୀଙ୍କ ଉତ୍ସାହ ବଢାଇଥିଲେ । ନେସ୍କୋକୁ ଟାଟା ପାୱାର ଅଧିଗ୍ରହଣ କଲାପରେ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ କ୍ଷେତ୍ରରେ ରହିଆସିଥିବା କାର୍ଯ୍ୟରତ କର୍ମଚାରୀଙ୍କର ଘୋର ଅଭାବକୁ ଦୂର କରାଯାଇ ଥିବାରୁ ସଂଘପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଟାଟା ପାୱାର ପକ୍ଷରୁ କର୍ମଚାରୀଙ୍କୁ ସମସ୍ତ ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା ସହ ସୁରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଥିବାରୁ କର୍ମଚାରୀ ମହଲରେ ଏକ ନୂତନ ଆଶା ସଂଚାର କରିଥିବାରୁ ସଂଘ ପକ୍ଷରୁ ଟାଟା ପାୱାରକୁ ମଧ୍ୟ କୃତଜ୍ଞତା ଜ୍ଞାପନ କରାଯାଇଛି । ତେବେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କର ସର୍ବନିମ୍ନ ଦରମା ୨୦ ହଜାର କରାଯିବା, ଉପଯୁକ୍ତ ବୀମା ଓ ଇଏସଆଇ କାର୍ଡ ପ୍ରଭୃତି ସମସ୍ୟା ଗୁଡିକର ସମାଧାନ ନହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ ଜେନେରାଲ ସେକ୍ରେଟାରୀ ଜ୍ୟୋତିକୃଷ୍ଣ ବେହେରା, ଡିଭିଜନ ଅର୍ଗାନାଇଜର ଦେବାଶିଷ ବେହେରା, ଜ୍ଞାନରଞ୍ଜନ ପରିଡା, ଚନ୍ଦନ ଜେନା, ପ୍ରଭାତ ମହାନ୍ତି, ଗିରିଶ ମହାନ୍ତି, ମନୋରଞ୍ଜନ ମହାନ୍ତ, ନିହାର ବେହେରା, ରାଜୀବ ଗିରି, ବାଳକୃଷ୍ଣ ମାଝି, ମରୋଡା ସବଡିଭିଜନ ସମ୍ପାଦକ ପାର୍ଥ ସାରଥି ଦାସ, ମରୋଡା ଅର୍ଗାନାଇଜର ବୁଦ୍ଧେଶ୍ୱର ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସଫଳ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୨୫ କୋଟି ଡିଲ୍ ଘଟଣା....

କରିଥିଲେ । ଏଥିସହ ତାଙ୍କୁ ଫସାଇବାକୁ ଚେଷ୍ଟା କରାଯାଉଥିବା କହିଥିଲେ । ଆଜି ମଧ୍ୟ ସେ ବମ୍ବେ ହାଇକୋର୍ଟରେ ଗୋଟିଏ ସତ୍ୟପାଠ ଦାଖଲ କରି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଂପୂର୍ଣ୍ଣ ମିଛ ବୋଲି କହିଛନ୍ତି । ପ୍ରଭାକରଙ୍କ ବ୍ୟତୀତ ମହାରାଷ୍ଟ୍ର ମନ୍ତ୍ରୀ ନବାବ ମଲିକ ମଧ୍ୟ ସମୀରଙ୍କ ବିରୋଧରେ ବଟି ଆଦାୟ ଠାରୁ ଆରମ୍ଭ କରି ଠକେଇ ଓ ବେଆଇନ ଫୋନ ଟ୍ୟାପିଂ ଭଳି ଅଭିଯୋଗ ଆଣିଛନ୍ତି । ଶ୍ରୀ ମଲିକ ୨୬ଟି ଅଭିଯୋଗ ସମ୍ପର୍କରେ ଟ୍ୱିଟ କରି ଏହାର ତଦନ୍ତ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ତମ୍ବିତୋଫାନ ଚାଲିଥିବା ବେଳେ ଏନସିବିର ଡେପୁଟି ମହାନିର୍ଦ୍ଦେଶକ ମୁଥା ଅଶୋକ ଜୈନ ପୂରା ମାମଲାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ନବାବ ମଲିକ ମଧ୍ୟ ସମୀରଙ୍କ ବିରୋଧରେ ଗୋଟିଏ ଚିଠି ଏନସିବି ମହାନିର୍ଦ୍ଦେଶଙ୍କୁ ଲେଖିଛନ୍ତି । ତେବେ ଏନସିବି କହିଛି ଯେ ଏହି ଚିଠିକୁ ଆଧାର କରି ସମୀର ୱାଙ୍ଖେଡେଙ୍କ ବିରୋଧରେ ଏବେ କୌଣସି ପଦକ୍ଷେପ ନିଆଯିବ ନାହିଁ । କାରଣ କେନ୍ଦ୍ର ଭିଜିଲାନ୍ସ କମିଶନରେ ଗାଇଡଲାଇନରେ ଏନେଇ କୌଣସି ପ୍ରକାରର ବ୍ୟବସ୍ଥା ନାହିଁ ।

## ଆରୟନ ଖାନଙ୍କୁ ମିଳୁନି ବେଲ୍ ....

ମୁମ୍ବାଇର ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ଜାମିନ ଦେଇଥିବା ଖବର ପ୍ରକାଶ ପାଇଛି । ଏନଆଇଏକୁ ମନୀଷଙ୍କ ଓକିଲ ଅଜୟ ଦୁବେ ଏହି ସୂଚନା ଦେଇଥିବା ଜଣାପଡ଼ିଛି । ରାଜଗାରିଆଙ୍କ ଠାରୁ ୨.୪ ଗ୍ରାମ ଓଜନର ଗଞ୍ଜେଇ ମିଳିବାକୁ ତାଙ୍କୁ ଏନସିବି ଗିରଫ କରିଥିଲା । ଏବେ ହାଇକୋର୍ଟ ଉଭୟଙ୍କୁ ଜାମିନ ଦେଇଛନ୍ତି । ମନୀଷଙ୍କ ଘର ରାଉରକେଲା ଓ ଅଭିନଙ୍କ ଘର ସୁନ୍ଦରଗଡ଼ର ରଘୁନାଥପାଲୀ ଅଞ୍ଚଳରେ । କିନ୍ତୁ ଅକ୍ଟୋବର ୩ରେ ଗିରଫ ହୋଇ ଜେଲରେ ଥିବା ଆର୍ଯ୍ୟନଙ୍କୁ ପୁଣି ଗୋଟିଏ ରାତି ଜେଲରେ କାଟିବାକୁ ପଡ଼ିବ । ତାଙ୍କୁ ୩ ତାରିଖରେ ଗିରଫ କରାଯିବା ପରେ ଏନସିବି ରିମାଣ୍ଡରେ ନେଇଥିଲା । ରିମାଣ୍ଡ ଅବଧି ଶେଷ ହେବା ପରେ ଆର୍ଯ୍ୟନ ଖାନଙ୍କୁ ଆର୍ଥର ରୋଡ ଜେଲକୁ ପଠାଇ ଦିଆଯାଇଥିଲା । ଅକ୍ଟୋବର ୮ରୁ ସେ ଜେଲରେ ହିଁ ରହିଛନ୍ତି । ଆଜି ଆର୍ଯ୍ୟନଙ୍କ ଓକିଲ ମୁକୁଲ ରୋହତଗୀ ନିଜର ପକ୍ଷ ରଖି କହିଥିଲେ ଯେ ଏନସିବି ପ୍ରମାଣ ନଷ୍ଟ କରିବା କଥା କହୁଛି । କିନ୍ତୁ ଏନସିବି କୌଣସି ପ୍ରକାରର ଡ୍ରଗ୍ସ ତାଙ୍କ ଠାରୁ ଠାବ କରିନି । ତେଣୁ ସେ କେଉଁ ସବୁ ପ୍ରମାଣ ନଷ୍ଟ କରିବେ ? ତାଙ୍କ ବୟସକୁ ନଜରରେ ରଖି ତାଙ୍କୁ ଜାମିନ ମିଳିବା ଦରକାର । ଏନସିବି ତାଙ୍କ ବିରୋଧରେ କେବଳ ହ୍ୱାଟସଆପ୍ ଚାଟକୁ ବ୍ୟବହାର କରୁଛି । ଏହାବାଦ ଆଉ କିଛି ପ୍ରମାଣ ଆର୍ଯ୍ୟନଙ୍କ ବିରୋଧରେ ନାହିଁ । କେବଳ ଚାଟକୁ ଭିତ୍ତିକରି ଜଣଙ୍କୁ ୨୦ ଦିନ ହେଲା କ'ଣ ଜେଲରେ ରଖାଯାଇ ପାରିବ ? ଆପଣ ତାଙ୍କ ଫୋନ ମଧ୍ୟ ଦେଖିଛନ୍ତି । ଆର୍ଯ୍ୟନଙ୍କ ବାପାମା'ଙ୍କ ପାଇଁ ଏହି କେସ୍ ବେଶ ଚର୍ଚ୍ଚାରେ ରହିଛି ।

## ଲଖିମପୁର ଖେରି ଚାଷୀ ହତ୍ୟା....

କରିବାକୁ କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ମୁଖ୍ୟ ବିଚାରପତି ଏନ.ଭି ରମଣାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୬୮ ଜଣ ସାକ୍ଷୀ ସାମ୍ନାକୁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ୨୩ ଜଣ ଘଟଣାର ପ୍ରତ୍ୟକ୍ଷଦର୍ଶୀ ହୋଇଥିବା ଜଣାପଡିଛି । ସେହିପରି କୃଷକ ରାଲିରେ ଯେତେବେଳେ ଶହ ଶହ ଲୋକ ସାମିଲ ଥିଲେ ତେବେ ଘଟଣାରେ କେବଳ ୨୩ ଜଣ ପ୍ରତ୍ୟକ୍ଷଦର୍ଶୀ ବାହାରିବା ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଏ ମାମଲାରେ ଆହୁରି ସାକ୍ଷୀଙ୍କୁ ଖୋଜିବା ପାଇଁ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଲଖୀମପୁର ଖେରୀ ଘଟଣାରେ ଗିରଫ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ରା ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଘଟଣାକୁ ଏତେ ଦିନ ବିତି ଯାଇଥିଲେ ବି ଅଜୟ ମିଶ୍ରାଙ୍କୁ କାହିଁକି ମନ୍ତ୍ରୀପଦରୁ ବହିଷ୍କାର କରାଯାଇ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ ନେତା ରାକେଶ ଟିକାୟତ । ହିଂସାକାଣ୍ଡକୁ ନେଇ ଉତ୍ତରପ୍ରଦେଶ ଜୋର ଧରିଛି ।

## ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର....

ବିଭିନ୍ନ ଜିଲ୍ଲାରେ ଆନ୍ଦୋଳନ କରିଛନ୍ତି ବିଜେପି କର୍ମୀ । ନୂଆପଡାରେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା କର୍ମୀମାନେ ଏସପି ଅଫିସ ଘେରାଉ କରିବା ସହ ଧସେଇ ପଶିଥିଲେ । ପୁରୀରେ ମହିଳା ବିଜେପି ମହିଳା ମୋର୍ଚ୍ଚା କର୍ମୀମାନେ ମୁହଁରେ କଳା ପଟି ବାନ୍ଧି ବିରୋଧ ପ୍ରଦର୍ଶନ କରିଛନ୍ତି । ସମ୍ବଲପୁରରେ ବିଜେପି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ବରଗଡରେ ଶୋଭାଯାତ୍ରା କରିବା ସହ, ଥାନା ଘେରାଉ କରିଛି ବିଜେପି ମହିଳା ମୋର୍ଚ୍ଚା । ମମିତାଙ୍କ ଗାଁରେ ବିଜେପି ପ୍ରତିନିଧି ଦଳ । ମମିତାଙ୍କ ପରିବାରକୁ ଭେଟିଛନ୍ତି ବିଜେପି ରାଜ୍ୟସ୍ତରୀୟ ୧୫ଜଣିଆ ଟିମ୍, ଏବଂ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ତାପରେ ଯେଉଁ ଷ୍ଟାଡିୟମରେ ମମିତା ମେହେରଙ୍କୁ ହତ୍ୟା ପରେ ପୋତି ଦିଆଯାଇଥିଲା ସେଠାରେ ବିଜେପି ଟିମ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଭୁବନେଶ୍ୱରରୁ ୧୪୯ ପଜିଟିଭ୍

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୧୪୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୯ ଜଣ କ୍ୱାରେଂଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ୧୧୦ ଜଣ ଲୋକାଲ ମାମଲା ରହିଛନ୍ତି । ସେହିପରି ଗତ ୨୪ ଘଂଟାରେ ଆଉ ୨୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୭୫୯୧ରେ ପହଂଚିଛି ।

## ଗଙ୍ଗାଅସ୍ଥି କରିବାକୁ ଯାଇ ✓ଗଙ୍ଗା ସାଜିଲେ ଭୀମ

ନୀଳଗିରି,୨୬/୧୦ (ନି.ପ୍ର): ନିଜ ଖୁଡୁତାଶ୍ୱଶୁରଙ୍କର ଗଙ୍ଗାଅସ୍ଥି ପାଇଁ କଲିକତା ଯାଉଥିବା ବେଳେ ନିଜେ ✓ଗଙ୍ଗା ହୋଇଗଲେ ନୀଳଗିରି ବ୍ଲକର ଅସ୍ଥାୟୀ କର୍ମଚାରୀ ରମେଶ ରଂଜନ ବେହେରା (ଭୀମ) । ସୂଚନାଥାଉକି ନୀଳଗିରି ଏନ.ଏ.ସି. ୪ନଂ. ୱାର୍ଡର ସାରଥୀ ବେହେରାଙ୍କ ପୁଅ ରଂଜନ (ଭୀମ) ଯିଏକି ନୀଳଗିରି ବ୍ଲକର ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ନିଜର ଖୁଡୁତାଶ୍ୱଶୁରଙ୍କ ଅସ୍ଥି ବିର୍ସର୍ଜନ ପାଇଁ ଗତ ରବିବାର ଦିନ ଉକ୍ତ ଗ୍ରାମର ଭଗ ବିଶ୍ୱାଳ (୬୦) ଙ୍କ ସହ ଡାଇନାବସରେ କଲିକତା ଯାଉଥିବା ବେଳେ ରମେଶ ବସର ଗେଟ୍ ପାଖରେ ଛିଡ଼ା ହୋଇଥିବା ବେଳେ ବେଲଦା ଠାରେ ବସି ଗେଟରୁ ଅସାବଧାନତାବଶତଃ ଖସି ପଡ଼ିଥିଲା । ଡ୍ରାଇଭର ବସକୁ ଅଟକାଇ ଦୁର୍ଘଟଣାଗ୍ରସ୍ତ ରମେଶ ନିକଟକୁ ଆସି ତାଙ୍କୁ ସଂଗେ ସଂଗେ ବେଲଦା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଖବର ପାଇ ପରିବାର ଲୋକେ ବେଲଦା ମେଡିକାଲରେ ପହଞ୍ଚିଲା ପରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମେଡିକାଲକୁ ଆଣିଥିଲେ । ପରେ କଟକ ବଡ଼ମେଡିକାଲକୁ ନିଆଯାଇ ଚିକିତ୍ସାଧୀନ ଅବସ୍ଥାରେ ରଂଜନଙ୍କର ମୃତ୍ୟୁ ହୋଇଯାଇଥିଲା । ରଂଜନଙ୍କ ମୃତ୍ୟୁରେ ନୀଳଗିରି ରେ ଶୋକର ଛାୟା ଖେଳିଯାଇଛି ।

# 'ଯୁଗଶ୍ରୀ ଯୁଗନାରୀ'ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର

ବାଲେଶ୍ୱର,୨୬/୧୦ (ନି.ପ୍ର): ମାସିକ ମହିଳାଧର୍ମୀ ଓଡ଼ିଆ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ପରିବାର ପକ୍ଷରୁ ନାରୀ ସ୍ୱାସ୍ଥ୍ୟ ସଚେତନତା ଶିବିର ସହରର ଶୋଭାରାମପୁର ଅନ୍ଧାରୀ ମଙ୍ଗଳା ମନ୍ଦିର ନିକଟ ଟାଇଲିବସା ବସ୍ତିରେ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାର ସମ୍ପାଦିକା ସମାଜସେବୀ ମମତା ମହାପାତ୍ର ଏଥିରେ ସଭାପତିତ୍ୱ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଡାକ୍ତର ମନୋରମା ଦାସ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବତନ କାଉନସିଲର ସମାଜସେବୀ ଚିତ୍ତରଞ୍ଜନ ପଣ୍ଡା ଏଥିରେ ଯୋଗଦେଇ ଅନୁଷ୍ଠାନର ସମାଜ କଲ୍ୟାଣ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଏହି ସଚେତନତା ଶିବିରରେ ଶତାଧିକ ମହିଳା ଯୋଗ ଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସମାଜସେବୀ ମମତା ଜେନା, ହୃଷିକେଶ ପାତ୍ର, ଲିପୁ ବାବୁ ଓ ବସନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୀତାଞ୍ଜଳି ସିଂହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପିଲା ଚୋର ଅଭିଯୋଗରେ ମହିଳା ଜଣଙ୍କ ଅଟକ

ବାଲିଆପାଳ,୨୬/୧୦ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟୀ ଗ୍ରାମର ଜିତାଂଶୁ ଶେଖର ପାତ୍ରଙ୍କ ୧୫ ମାସର ଶିଶୁ ପୁତ୍ର ଜିଜ୍ଞାନ ଆଜି ସକାଳେ ଘର ସାମ୍ନାରେ ଖେଳୁଥିବା ସମୟରେ ଜଣେ ଅଜଣା ମହିଳା ପିଲାଟିକୁ ଜୋର ଜବରଦସ୍ତ ଉଠାଇ ନେଇ ପଳାଇଯାଇଥିଲେ । ପରିବାର ଲୋକେ ବହୁତ ସମୟ ଧରି ଖୋଜା ଖୋଜି କରିବା ପରେ ପିଲାକୁ ପାଇ ନଥିଲେ । ଘରଠାରୁ ୧ କିଲୋମିଟର ଦୂରରେ ମହିଳା ଜଣଙ୍କ ପିଲାଟିକୁ ନେଇ ଦୌଡି ପଳାଇଯାଉଥିବାର ଦେଖି ସନ୍ଦେହ କରି ଗ୍ରାମବାସୀ ମାନେ ମହିଳାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତର ଦେଇ ପାରିନଥିଲେ । ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ମହିଳାଙ୍କଠାରୁ



ପିଲାଟିକୁ ଉଦ୍ଧାର କରି ଉକ୍ତ ପିଲାର ଘରକୁ ଖବର ଦେବା ପରେ ତାର ମା ପହଂଚି ପିଲାଟିକୁ ଚିହ୍ନି ଘରକୁ ନେଇଯାଇଥିଲେ । ଏହା ପରେ ମହିଳା ଜଣଙ୍କୁ ଗ୍ରାମବାସୀମାନେ ନିସ୍ତୁକ ମାଡ ମାରିବା ସହ ଦୌଡିରେ ହାତ ଗୋଡି ବାନ୍ଧି ପୁଲିସକୁ ଖବର ଦେଇଥିଲେ । ପରେ ପରେ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଂଚି ଗ୍ରାମବାସୀଙ୍କ ପାଖରୁ ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲେ । ତେବେ ମହିଳା ଜଣଙ୍କର ମସ୍ତିଷ୍କ ବିକୃତି ଥିବା ଏବଂ ସେ ତାର ନାମ ଗ୍ରାମର ଠିକଣା କହିପାରୁ ନଥିବା ଆଇ.ଆଇ.ସି ପର୍ଶୁରାମ ସାହୁ କହିଛନ୍ତି ।

# ଶିକ୍ଷୟିତ୍ରୀ ପୁଷ୍ପରାଣୀ ଦେଲେ ଆମରଣ ଅନଶନର ଚେତାବନୀ

ଉଦଳା,୨୬/୧୦ (ନି.ପ୍ର): ଉଦଳା ସହରର ନାଗପାଳ ଅଞ୍ଚଳର ବାସିନ୍ଦା ✓ ଶଶିଭୂଷଣ ମହାପାତ୍ରଙ୍କ କନ୍ୟା ପୁଷ୍ପରାଣୀ ଆସନ୍ତା ନଭେମ୍ବର ୨ ତାରିଖ ମଙ୍ଗଳବାର ଠାରୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି । ପୁଷ୍ପରାଣୀ ବର୍ତ୍ତମାନ ଡ଼ିହିରାକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଅଛନ୍ତି । ସେ ଅନଶନ କରିବେ ବୋଲି ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ନିକଟକୁ ଲିଖିତ ଆକାରରେ ଜଣାଇଥିବା ବେଳେ



ଏହାର ନକଲ କପି ଜିଲ୍ଲାପାଳ ମୟୂରଭଞ୍ଜ, ଉପଜିଲ୍ଲାପାଳ କପ୍ତିପଦା, ଗୋଷ୍ଠୀ ଶିକ୍ଷାଧିକାରୀ ଉଦଳା ଓ ଆରକ୍ଷୀ ନୀରିକ୍ଷକ ଉଦଳା ଥାନାଙ୍କୁ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ ଚାକିରି କ୍ଷେତ୍ରରେ ପ୍ରମୋଶନ ପାଇଁ ତାଙ୍କର ସବୁ ପ୍ରକାର ଯୋଗ୍ୟତା ଥିବା ସତ୍ତ୍ୱେ ଚଞ୍ଚକତା କରି ଶିକ୍ଷା ବିଭାଗ ତାଙ୍କୁ ଅଣଦେଖା କରିଛି । ୧୯୯୮ ମସିହାରେ ତାଙ୍କ ସହ ନିଯୁକ୍ତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କ ପୂର୍ବରୁ ପ୍ରମୋସନ ନେଲେ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି । ଏ ବାବଦରେ ବିଭାଗୀୟ ଅଧିକାରୀ ମାନଙ୍କୁ ବ୍ୟକ୍ତିଗତ ଭାବେ ଓ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ ମଧ୍ୟ ସମସ୍ତେ ନୀରବ ରହୁଥିବାର କହିବା ସହ ଶେଷରେ ଅନ୍ୟ କୌଣସି ଉପାୟ ନପାଇ ସେ ଅନଶନ କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଗଣ ମାଧ୍ୟମକୁ ଜଣାଇଛନ୍ତି ।

# ରେମୁଣା ଏନ୍.ଏ.ସି ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ରେମୁଣା ବିକାଶ ମଞ୍ଚ

ବାଲେଶ୍ୱର,୨୬/୧୦ (ନି.ପ୍ର): ଆସନ୍ତା ପୌରପରିଷଦ ନିର୍ବାଚନ ପାଇଁ ରେମୁଣାକୁ ଏକ ନୂତନ ଏନ୍.ଏ.ସି ଭାବରେ ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ 'ରେମୁଣା ବିକାଶ ମଞ୍ଚ' ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତଥା ନଗର ଉନ୍ନୟନ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ଦୀର୍ଘ ୨୨ବର୍ଷ ଧରି ରେମୁଣାବାସୀଙ୍କ ତରଫରୁ ରେମୁଣାକୁ ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଗଠନ କରିବା ପାଇଁ ଦୃଢ଼ ଦାବୀ ହୋଇଆସୁଥିଲା । ଏବେ ଉକ୍ତ ଦାବୀ ସାକାର ହେବାକୁ ଯାଉଥିବାରୁ ରେମୁଣାବାସୀଙ୍କ ମନରେ ଆନନ୍ଦ ଓ ଉତ୍ସାହ ଖେଳିଯାଇଛି । କିମ୍ବଦନ୍ତୀ ତଥା ସଂସ୍କୃତି ସମ୍ପନ୍ନ ରେମୁଣା ପୂର୍ବ ଭାରତର ଅତି ପୁରାତନ ସ୍ଥାନ । ବାଲେଶ୍ୱର ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଏହି ଅଞ୍ଚଳରେ ଅବସ୍ଥିତ । କିନ୍ତୁ ଆର୍ଥିକ ତଥା ପ୍ରଶାସନିକ ଅସୁବିଧାରୁ ଏହାର ସେଭଳି ବିକାଶ ହୋଇପାରି ନଥିଲା । ୧୯୯୯ ମସିହାରେ ଭୂଣଲାଭ କରିଥିବା ରେମୁଣା ଏନ.ଏ.ସି ଏବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦରୁ ଜୀବନ୍ୟାସ ପାଇବାକୁ ଯାଉଥିବାରୁ ରେମୁଣା ବିକାଶ ପରିଷଦ ତରଫରୁ ସଭାପତି ପ୍ରଫେସର ଶତୃଘ୍ନ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ତଥା ରେମୁଣା ସରପଞ୍ଚ ଗୌରଚନ୍ଦ୍ର ରଣା, ପ୍ରଫେର ପ୍ରଶାନ୍ତ କୁମାର ବରାଳ, ଡ. ନରୋତ୍ତମ ପରିଡ଼ା, ଅମିୟ କୁମାର ମହାନ୍ତି, ପ୍ରଦୀପ କୁମାର ଦାସ, କୂଳମଣି ଜେନା, ଦୁଷ୍ମନ୍ତ କୁମାର ଦାସ, ପରମାନନ୍ଦ ସାହୁ, ଗୌରାଙ୍ଗ ଚରଣ ଦାସ, କାଳୀଚରଣ ବିନ୍ଧାଣୀ, ରାମଚନ୍ଦ୍ର କମିଲା ଓ ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ସଂଗଠନର ବହୁ ସଦସ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରିଛନ୍ତି । ରେମୁଣା ଏନ୍.ଏ.ସି ଗଠନ ହେଲେ ଓଡ଼ିଶା ମାନଚିତ୍ରରେ ରେମୁଣାର ଚିତ୍ର ବଦଳି ଯିବା ସହିତ ଅନ୍ୟାନ୍ୟ ବହୁ ସୁବିଧା ଓ ସୁଯୋଗ ଉପଲବ୍ଧ ହେବା ସହିତ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ସଂଗଠନ ତରଫରୁ କୁହାଯାଇଅଛି ।

# ରାଜ୍ୟରେ ପ୍ରତିଷ୍ଠା ହେବ ୩୪ଟି ଶିଶୁ ଅନୁକୂଳ ପୋଲିସ ଷ୍ଟେସନ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ରାଜ୍ୟରେ ୩୪ଟି ଶିଶୁ ଅନୁକୂଳ ପୋଲିସ ଷ୍ଟେସନ (ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ୍ ଷ୍ଟେସନ୍) ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତି ନେଇଛନ୍ତି। ରାଜ୍ୟରେ ସମୁଦାୟ ୩୪ଟି ପୋଲିସ ଜିଲ୍ଲା ରହିଛି ଏବଂ ପ୍ରତ୍ୟେକ ପୋଲିସ ଜିଲ୍ଲାରେ ଗୋଟିଏ ଲେଖାଏ ଶିଶୁ ଅନୁକୂଳ ପୋଲିସ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସମୟରେ ବିଭିନ୍ନ କାରଣରୁ ଆଇନର ପରିସରକୁ ଆସୁଥିବା ଅନେକ ପିଲା ତଥା ସହାୟତା ଆବଶ୍ୟକତା କରୁଥିବା ପିଲାମାନଙ୍କ ପାଇଁ ଥାନା ଭିତରେ ସ୍ୱତନ୍ତ୍ର ଅନୁକୂଳ ପରିବେଶର ଆବଶ୍ୟକତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀଏହି ନିଷ୍ପତି ନେଇଛନ୍ତି । । ଏହିସବୁ ପୋଲିସ ଷ୍ଟେସନରେ ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବ। ଏହିସବୁ ଥାନାରେ ସ୍ୱତନ୍ତ୍ର ଲୋଗୋ ଓ ଫଳକ ରହିବା ସହିତ ପିଲାଙ୍କ ପାଇଁ ଛୋଟ ପୁସ୍ତକାଗାର ମଧ୍ୟ କରାଯିବ । ଏଥିରେ ବିଭିନ୍ନ ରୁଚି ସଂପନ୍ନ ପୁସ୍ତକ, ପତ୍ରପତ୍ରିକା ଓ ସମ୍ବାଦପତ୍ର ରଖାଯିବ। ପିଲାମାନଙ୍କ ସୁବିଧା ପାଇଁ ବିଛଣା, ଚୌକି ଓ ଟେବୁଲ ମଧ୍ୟ ରଖାଯିବ। ଏହାସହିତ ଶିଶୁମାନଙ୍କ ଅଧିକାର ସଂପର୍କିତ ଫଳକ ଏବଂ ପୋଲିସ ପାଇଁ 'କଣ କରିବେ ବା ନ କରିବେ' , ସେ ସଂପର୍କରେ ମଧ୍ୟ ସୂଚନା ଫଳକ ରହିବ। ଶିଶୁକଲ୍ୟାଣ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ତାଙ୍କ ନାମ ଓ ଅନ୍ୟାନ୍ୟ ସୂଚନା ସଂପର୍କରେ ଏକ ସ୍ୱତନ୍ତ୍ର ଫଳକ ରହିବ। ଏହାସହିତ ପିଲାଙ୍କ ପାଇଁ ଖେଳନା, ଫାଷ୍ଟ ଏଡ୍ କିଟ୍ ମଧ୍ୟ ରଖାଯିବ। ଥାନା ପରିସର ମଧ୍ୟରେ ଏକ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ କାନ୍ଥ ଗୁଡିକରେ ସୁନ୍ଦର ଚିତ୍ର ରହିବା ସହିତ ବିଭିନ୍ନ ଶିକ୍ଷଣୀୟ ବିଷୟ ସ୍ଥାନିତ ହେବ।

# ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ଶପଥ ପାଠ



ବାଲେଶ୍ୱର,୨୬/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଏକ ଶପଥପାଠ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଟାରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟାରତ ଅଧିକାରୀ, କର୍ମଚାରୀଙ୍କ ସମେତ ଏନଡିଆରଏଫ ଯବାନମାନେ ଏଥିରେ ଯୋଗ ଦେଇ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ଦୁର୍ନୀତି ବିରୋଧରେ ସଂଗ୍ରାମ ଜାରି ରଖିବା ସାଙ୍ଗକୁ ଏହାର ମୂଳୋତ୍ପାଟନ ପାଇଁ ଶପଥ ନେଇଥିଲେ। ଶପଥ ପାଠର ମହତ୍ୱକୁ ବୁଝିବା ଏବଂ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏନେଇ ଆମେ ସମସ୍ତେ ଐକ୍ୟବଦ୍ଧ ଭାବେ ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଭବେଶ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ସୂଚନା ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଏଥିରେ ସଂଯୋଜନା କରିଥିଲେ। ଅନୁରୂପ ଭାବେ ବାଲେଶ୍ୱର ଜିଲାର ସଦର ମହକୁମା ଏବଂ ବ୍ଲକ ସ୍ତରୀୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଏହିଭଳି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

# 'ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ'ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୨୬/୧୦ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ' ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ବାଜଣା ଲାଲମୋହନ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ ସହ ସଂଗଠନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଭଳି ସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ସେ କହିଥିଲେ । ସାମାଜିକ କର୍ମୀ ଯାଦବେଶ ମିଶ୍ର, ମଦନମୋହନ ଦାସମହାପାତ୍ର, ପ୍ରାକ୍ତନ ଶିକ୍ଷକ କମଳାକାନ୍ତ ସାମଲ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା ଏଥିରେ ପୌରହିତ୍ୱ କରିବା ସହ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମାଜସେବୀ ଶରତ ପାଣିଗ୍ରାହୀ ଏଥିରେ ମଞ୍ଚ ପରିଚାଳନା କରିଥିବା ବେଳେ ଲାଲମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାମଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶ୍ରୀରାମ ହସପିଟାଲ ସହଯୋଗରେ ଆୟୋଜିତ ଶିବିରରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଜୟ ସିଂହ, ହସପିଟାଲର ଚକ୍ଷୁ ବିଭାଗ ମ୍ୟାନେଜର ବିନୋଦ କୁମାର ନାୟକ, ଫାର୍ମାସିଷ୍ଟ କୌଶଲ୍ୟା ଦେହୁରୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ଲୋକଙ୍କ ଆଖି ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ବାଜଣା ସମେତ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଏହି ଶିବିରରେ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ମୋତିଆବିନ୍ଦୁ ଚିହ୍ନଟ ବ୍ୟକ୍ତିଙ୍କର ନିଃଶୁଳ୍କ ଅସ୍ତ୍ରୋପଚାର ପାଇଁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# 'ଚିନ୍ମୟ ଯୁବକେନ୍ଦ୍ର'ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ ଶିବିର

ବାଲେଶ୍ୱର,୨୬/୧୦ (ନି.ପ୍ର): ଚିନ୍ମୟ ମିଶନର ଯୁବ ଶାଖା 'ବାଲେଶ୍ୱର ଚିନ୍ମୟ ଯୁବକେନ୍ଦ୍ର' ପକ୍ଷରୁ ଏକ ଦିନିକିଆ ବ୍ୟକ୍ତିତ୍ୱ ବିକାଶ ଶିବିର ବିବେକାନନ୍ଦ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କଲେଜରୁ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଏହି ଶିବିରରେ ଉପସ୍ଥିତ ଥିଲେ। ବାଲେଶ୍ୱର ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, କ୍ଷିତିଶ୍ୱର ଦାଶ, ବିଜୟ କୁମାର ଦାସଅଧିକାରୀ, ଗଙ୍ଗାଧର ପୃଷ୍ଟି ଏବଂ ବିଜୟ କୁମାର ସାହୁ ଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିଥିଲେ। ବିଶେଷ କରି ଜୀବନର ଲକ୍ଷ୍ୟ ଏବଂ ବ୍ୟକ୍ତିତ୍ୱ ନିର୍ମାଣ ସମ୍ପର୍କରେ ସେମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିବିରରେ ସାମୂହିକ ପ୍ରାର୍ଥନା, ଯୋଗାସନ, ଧ୍ୟାନ ଆଦି ଶିକ୍ଷା ପ୍ରଦାନ ସହ ପିଲାମାନଙ୍କ ମଧ୍ୟରେ ସାମୂହିକ ଆଲୋଚନା, ସାଧାରଣ ଜ୍ଞାନ ପ୍ରତିଯୋଗିତା, ପ୍ରଶ୍ନୋତ୍ତର ଭଳି ଅନେକ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଶେଷରେ ମିଶନର ସମସ୍ତ ସଦସ୍ୟଙ୍କ ଦ୍ୱାରା ଏକ କରୋନା ସଚେତନତା ମୂଳକ ନାଟକ ପରିବେଷଣ ହେବା ସହ ପ୍ରତିଯାଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା। ଚିନ୍ମୟ ମିଶନର ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।

## ୧୬ରେ ଭବିଷ୍ୟନିଧି ପାଣ୍ଠି ପେନସନଭୋଗୀଙ୍କ ଗଣାଧାରଣା

ବାଲେଶ୍ୱର,୨୬/୧୦ (ନି.ପ୍ର): ଭବିଷ୍ୟନିଧି ପାଣ୍ଠି ପେନସନଭୁକ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ଆସନ୍ତା ନଭେମ୍ବର ୧୬ ତାରିଖରେ ବାଲେଶ୍ୱର ଜିଲପାଳଙ୍କ ଦପ୍ତର ସମ୍ମୁଖରେ ଗଣାଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ମଲିକାଶପୁରସ୍ଥିତ ସ୍ୱର୍ଗତ ଅରୁଣ ଦେ ସ୍ମୃତି ପରିଷଦ ସଭାଗୃହରେ ଇଂ. ଅନାଦି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ପେନସନଭୋଗୀଙ୍କ ସମସ୍ୟା ଉପରେ ଆଲୋଚନା ସହ ମାସିକ ଭତ୍ତା ଏକହଜାରରୁ ୯ ହଜାର ଟଙ୍କାକୁ ବୃଦ୍ଧି କରିବା, ଉଚ୍ଚ ବେତନଭୋଗୀଙ୍କୁ ଆନୁପାତିକ ହାରରେ ଅଧିକ ପେନସନ ପ୍ରଦାନ କରିବା, ପେନସନ ସହ ମହଙ୍ଗା ଭତ୍ତା ଓ ସରକାରୀ ଚିକିତ୍ସା ବୀମାଭୁକ୍ତ କରିବାକୁ ଦାବି ଉପରେ ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ହେଉଥିବାର ଜଣାଇଥିଲେ। ଭବିଷ୍ୟନିଧି ପାଣ୍ଠିରୁ ପେନସନ ପାଉଥିବା ଓ ଅବସରପରେ ଏହି ସଂସ୍ଥାରୁ ପେନସନ ପାଇବାକୁ ଥିବା କର୍ମଚାରୀମାନେ ଆସନ୍ତା ଗଣାଧାରଣାରେ ଯୋଗଦେବାକୁ ଶ୍ରୀ ମହାନ୍ତି ନିବେଦନ କରିଥିଲେ। ଜିଲା କମିଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସଂଗଠନର ସଭ୍ୟସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଆଲୋଚନାରେ ଭୂପତି ଭୂଷଣ ଦାସ, ଅରୁଣ କୁମାର କମିଲା, ଇଂ. ସୁଶୀଲ କୁମାର ବାରିକ, ହରିଶ୍ଚନ୍ଦ୍ର ସାହୁ, ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ଇଂ. କହ୍ନେଇଲାଲ ଚୌଧୁରୀ, ଦୁର୍ଯ୍ୟୋଧନ ରଣା, ସୁଧାଂଶୁ ବାଳା ମହାପାତ୍ର, ଯଦୁନାଥ ମହାପାତ୍ର, ଭୋଳାନାଥ ବେହେରା ଓ ଅଭିଜିତ ଦାସ ପ୍ରମୁଖ ଅଂଶ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଭବିଷ୍ୟନିଧି ପାଣ୍ଠି କର୍ତ୍ତୃପକ୍ଷଙ୍କ ଅବିଚାର ବିରୋଧରେ ପେନସନଭୋଗୀ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବେଆଇନ୍ ବାଲିଚାଲାଣ : ଦୁଇଟି ବଡ଼ ବାଲିଟ୍ରକ ଜବତ

ଭଦ୍ରକ,୨୬/୧୦ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଅଂଚଳରେ ବିଭିନ୍ନ ସ୍ଥାନରେ ବାଲିମାଫିଆ ମାନେ ଚୋରାବାଲି ବେପାର କରି ମାଲେ ମାଲ ହେଉଥିବାବେଳେ ସରକାରଙ୍କୁ ରାଜସ୍ୱ ଫାଙ୍କି ଏହି ବାଲି ଦଲାଲ ମାନେ କୋଟି କୋଟି ଟଙ୍କା ଆୟ କରୁଛନ୍ତି। ଏ ଦିଗରେ ଧାମନଗର ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ମଧ୍ୟ ଚଢାଉ ଜାରି କରିଛନ୍ତି। ଧାମନଗର ତହସିଲଦାର କ୍ଷୀରୋଦ ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛନ୍ତି। ଦୁଇଟି ବାଲିବୋଝେଇ ଟ୍ରକ ବେଆଇନ୍ ଭାବରେ ବାହାର ଅଂଚଳକୁ ଯାଉଥିବାବେଳେ ତହସିଲଦାର ଶ୍ରୀ ପଣ୍ଡା ଉକ୍ତ ବାଲି ଟ୍ରକକୁ ଜବତ କରିବା ସହିତ ତାଙ୍କ ଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ବିଦ୍ୟୁତ୍ ଚୋରୀ କରି ହରଡ଼ଘଣାରେ କେ.ସି. ହାଇସ୍କୁଲ ଓ ନୀଳଗିରି କଲେଜ

ନୀଳଗିରି,୨୬/୧୦ (ନି.ପ୍ର): ନୀଳଗିରି ବହୁ ପୁରାତନ କୈଳାସ ଚନ୍ଦ୍ର ହାଇସ୍କୁଲଟି ଏବେ ମୋ ସ୍କୁଲ ଅଭିଯାନ ଯୋଜନାରେ ନବ କଳେବର ହେବାକୁ ଯାଉଥିବା ବେଳେ ବିଦ୍ୟୁତ୍ ଚୋରୀ କରିବା ଘଟଣା ଆଜି ଲୋକଲୋଚନକୁ ଆସିଛି। ଟାଟା ପାୱାରର ଏକ ଟିମ୍ ଅଚାନକ କେ.ସି.ହାଇସ୍କୁଲ ରେ ପହଞ୍ଚି ଚଢ଼ାଉ କରିଥିବା ବେଳ ବାଇପାସ କରାଯାଇଥିବା ଦେଖିବାକୁ ପାଇଥିଲେ । ଉକ୍ତ ବିଦ୍ୟାଳୟରେ ୧୧୨ଟି ପଙ୍ଖା, ୧୩୪ଟି ଲାଇଟ, କମ୍ପ୍ୟୁଟର, ପ୍ରିଣ୍ଟର, ପ୍ରଜେକ୍ଟର ଆଦି ବ୍ୟବହୃତ ହେଉଥିବାର ତଦନ୍ତ ଜଣାପଡ଼ିଲା ପରେ ପାଖାପାଖି ୧୨.୫କିଲୱାଟ ବିଦ୍ୟୁତ୍ ଚୋରି କରିଥିବା ଜଣାପଡ଼ିଲା ପରେ ଟାଟା ପାୱାର ଅଧିକାରୀମାନେ ୫ଲକ୍ଷ ଟଙ୍କା ଜୋରିମାନା କରିଥିବା ଜଣାପଡ଼ିଛି । ତଦନ୍ତ ସମୟରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ ଉପସ୍ଥିତ ଥିଲେ। ସେହିପରି ନୀଳଗିରି ମହାବିଦ୍ୟାଳୟରେ ଅନୁରୂପ ଭାବେ ବାଇପାସ କରାଯାଇଥିବାର ତଦନ୍ତକାରୀ ଅଧିକାରୀ ଧରିଲା ପରେକଲେଜ ଉପରେ ୩ଲକ୍ଷ ଟଙ୍କାର ଜୋରିମାନା କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏହି ଚଢ଼ାଉରେ ନୀଳଗିରି ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ପାର୍ଥସାରଥୀ ବାରିକ, ଟାଟା ପାୱାର ଟିମ୍ ଲିଡର ମହମ୍ମଦ ନସିବ, ଡେପୁଟି ମ୍ୟାନେଜର ତାପସ ରଂଜନ ପଟ୍ଟନାୟକ , କିରଣବାଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ୟବସାୟୀଙ୍କୁ ଘରେ ପଶି ଆକ୍ରମଣ



ନୀଳଗିରି,୨୬/୧୦ (ନି.ପ୍ର): ନୀଳଗିରିର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତଥା କଚେରୀ ବଜାର ଦୁର୍ଗା କମିଟି ସଭାପତି ମନୋରଂଜନ ବିଶ୍ୱାଳଙ୍କୁ ଗତକାଲି ସନ୍ଧ୍ୟାସମୟରେ ତାଙ୍କ ବରିସାହିସ୍ଥିତ ବାସଭବନରେ ବସିଥିବା ବେଳେ ହଠାତ୍ ଏକ ଅଜଣାବ୍ୟକ୍ତି ହେଲମେଟ ପିନ୍ଧି ଏକ ୫କି.ଗ୍ରା. ଓଜନର ହାମାରରେ ଆକ୍ରମଣ କରିଥିଲା । କୌଣସି କାରଣ ନ ଥାଇ ହାମରରେ କ'ଣ ପାଇଁ ବାଡଉଛୁ ବୋଲି ମନୋରଂଜନ ପ୍ରତିବାଦ କରିଥିଲେ ମଧ୍ୟ କିଛି ନ ଶୁଣି ହାମାରରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ବାଡ଼ଉଥିଲା । ତାଙ୍କ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ବାହାରିପଡ଼ିବାରୁ ଅଜଣା ବ୍ୟକ୍ତି ଜଣକ ନିଜ ବାଇକରେ ଫେରାର ହୋଇଯାଇଥିଲା । ଏ ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି ।

# ନୀଳଗିରିରେ ଦୁର୍ନିତୀ ନିବାରଣ ସଚେତନତା ସପ୍ତାହ ପାଳନ



ନୀଳଗିରି,୨୬/୧୦ (ନି.ପ୍ର): ସାରା ରାଜ୍ୟ ଚଳିତ ବର୍ଷ ୨୦୨୧ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ଦୁର୍ନିତୀ ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ନୀଳଗିରିର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ପଦାଧିକାରୀ ନିଜ ନିଜ କାର୍ଯ୍ୟାଳୟରେ ଏକ ଶପଥ ପାଠ କାର୍ଯ୍ୟକ୍ରମମାନ କରାଯାଇଛି । ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରାଇବା ସଂଗେ ସଂଗେ ଶପଥପାଠ ଅନୁଯାୟୀ କାର୍ଯ୍ୟ ସଂପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ଆମ ଦେଶର ଆର୍ଥିକ , ରାଜନୈତିକ , ସାମାଜିକ ପ୍ରଗତି ବିକାଶ କ୍ଷେତ୍ରରେ ଦୁର୍ନିତୀ ସବୁଠୁ ବଡ଼ ପ୍ରତିବନ୍ଧକ। ଦୁର୍ନିତୀର ମୂଳପ୍ରାଟନ କରି ବିଭିନ୍ନ ବିକାଶ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ସଫଳ ନିମନ୍ତେ ସଚୋଟତା ଏବଂ ନିର୍ଭିକତା ଆବଶ୍ୟକ । ଦୁର୍ନିତୀ ବିରୋଧରେ ଦୃଷ୍ଟାନ୍ତମୂଳକ ତଥା ଉଲ୍ଲେଖନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜନହିତରେ ବ୍ରତୀ ହେବା ଆବଶ୍ୟକ ବୋଲି ମତପୋଷଣ କରିଥିଲେ । ଏଥି ସହିତ ସମସ୍ତ ବିଭାଗୀୟ କର୍ମକର୍ତ୍ତା ନିଜ ନିଜର କାର୍ଯ୍ୟଦାୟିତ୍ୱ ସଂପାଦନ କ୍ଷେତ୍ରରେ ସଂପୂର୍ଣ୍ଣ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ନୀଳଗିରି ତହସିଲ ପକ୍ଷରୁ ତହସିଲଦାର ଅଶେଷ କୁମାର ନାୟକ, ଆଇ.ଟି.ଡି.ଏ. କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୁବାଶ ଚନ୍ଦ୍ର ମାଝୀ, ସ.ଡି.ପି.ଓ. , ବି.ଡି.ଓ. ଅନିତା ନାୟକ ସମେତ ନିଜ ନିଜ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ ।

# ବି.ବି. ମହାବିଦ୍ୟାଳୟରେ ସର୍ଭ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,୨୬/୧୦(ନି.ପ୍ର): ବାଇଗଣବାଡିଆସ୍ଥିତ ବିବିମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତୀୟ ରେଡକ୍ରସ ସଂସ୍ଥା ଓ ରାଜ୍ୟରେଡ୍କ୍ରସ୍ ସଂସ୍ଥା ଶାଖା ଆନୁକୂଲ୍ୟରେ ଯୁବ ରେଡକ୍ରସ ତରଫରୁ ଏକ ତ୍ରିଦିବସୀୟ ଆନ୍ତ ମହାବିଦ୍ୟାଳୟ ସ୍ତରୀୟ ସାମାଜିକ ଆପଦକାଳିନ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଅଧକ୍ଷ ଡ. ଯତୀନ୍ଦ୍ରନାଥ ସିଂଘ ଦେବ ସଚୀନ ଉଦ୍ଘାଟନ କରିଥିଲେ। ପ୍ରାରମ୍ଭରେ ରେଡକ୍ରସ ପତାକା ଉତ୍ତୋଳନ କରାହୋଇଥିଲା । ସର୍ଭ ନାମରେ ଅବିହିତ ଏହି ଶିବିରରେ ବିବିମହାବିଦ୍ୟାଳୟ ବାରିପଦା ମହାବିଦ୍ୟାଳୟ, ମାଆ ଦ୍ୱାରସୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଅକ୍ଟୋବର ୨୬ତାରିଖ ଦିନ ଆରମ୍ଭ ହୋଇଛି । ପ୍ରଶାସନିକ ଅଧିକାରୀ ଡ. ପୂର୍ଣ୍ଣେନ୍ଦୁକୁମାର ପାଲ୍, ଏକାଡେମିକ ବାରସାର୍, ଡ. ଅଲକାମଞ୍ଜରୀ ଭୂୟାଁ, ବହିରାଗତ ପ୍ରଶିକ୍ଷକ ବେତନଟୀ କଲେଜର ଅଧାପକ ଶ୍ରୀଚିତରଂଜନ ରାଉତ, ବି.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରୀ ପ୍ରଣବେସ ପାଲ ଯୁବ ରେଡକ୍ରସ କାଉନସିଲର ଶ୍ରୀ ପ୍ରମୋଦ କୁମାର ବସା, ଡ. ଅନ୍ନପୂର୍ଣ୍ଣା ଧଳ, ମାଆ ଦ୍ୱାରସୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରୀହୃଦାନନ୍ଦ ବେହେରା ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଶିବିରରେ ପ୍ରାଥମିକ ଆଶୁଚିକିତ୍ସା ଓ ବିପର୍ଯ୍ୟୟ ପରିଚାଳନାର ତାଲିମ ଦିଆଯିବ ଓ ୨୯ ତାରିଖ ଦିନ ମକ୍‌ଡ୍ରିଲ ଅନୁଷ୍ଠିତ ହେବ।

# ପୁଲିସ୍‌କୁ ଚକ୍‌ମା ଦେଉଛନ୍ତି ଗୋମାଫିଆ



ଭଦ୍ରକ,୨୬/୧୦ (ନି.ପ୍ର): ଯାଜପୁର ଜିଲା ପାଣିକୋଇଲି ଦେଇ ଭଦ୍ରକ ଓ ବାଲେଶ୍ୱର ଜିଲାର ୧୬ନଂ ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ଗୋରୁ ବୋଝେଇ ଗାଡିଗୁଡିକ କ୍ଷେତ୍ରରେ ଏବେ ପୁଲିସ୍‌ର ବାରାକେଟ୍ ରୋକ୍ ଲଗାଇଥିବାବେଳେ ଗୋ ମାଫିଆମାନେ ଚକ୍‌ମା ଦେଇ ଅଭିନବ ଭାବେ ସମ୍ବଲପୁରରୁ ଭାୟା କେନ୍ଦୁଝର ଦେଇ ରାଇରଙ୍ଗପୁର ବମ୍ବେ ଛକବାଟେ ପଶ୍ଚିମବଙ୍ଗକୁ ପ୍ରତିଦିନ ଶତାଧିକ ଗୋରୁ ଚାଲାଣ କରୁଥିବା ବିଷୟ ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏ ସଂପର୍କରେ ମିଳିଥିବା ତଥ୍ୟ ମୂଳେ ଗୋରୁ ମାଫିଆମାନେ ଯାଜପୁର ଓ ଅବିଭକ୍ତ ବାଲେଶ୍ୱର ଜିଲାର ୧୬ନଂ ଜାତୀୟ ରାଜପଥର ଭଣ୍ଡାରିପୋଖରୀ, ସିମୁଳିଆ, ବସ୍ତା ଓ ରୁପ୍‌ସା ଭଳି ସ୍ଥାନରେ ବାରାକେଟ୍ ଲଗାଯିବାରୁ ଚୋରା ଗୋ ଚାଲାଣ ଥମିଯାଇଛି। ଫଳରେ ଗୋ ମାଫିଆମାନେ ଅଭିନବ ଭାବେ ଅନ୍ୟ ଏକ ମାର୍ଗକୁ ଆପଣାଇଛନ୍ତି । ସେମାନେ ସମ୍ବଲପୁରରୁ ପ୍ରତିଦିନ ୧୪ ଚକିଆ କଣ୍ଟେନରରେ ଶହ ଶହ ଗୋରୁକୁ ବସ୍ତା ପାଲରେ ବାନ୍ଧି କେନ୍ଦୁଝର ଜିଲ୍ଲା ରାଇରଙ୍ଗପୁର ବମ୍ବେ ଛକ ଦେଇ ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ଏଣୁ ଏହାକୁ ରୋକାଯିବା ପାଇଁ ଅବିଭକ୍ତ ବାଲେଶ୍ୱର ଜିଲା ଭଳି ଉକ୍ତ ସ୍ଥାନମାନଙ୍କରେ ବାରାକେଟ୍ ଲଗାଇବାକୁ ପୁଲିସ୍ ଡିଜି ଓ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ନିକଟରେ ଗଣମାଧ୍ୟମ ଜରିଆରେ ଆଜି ଭଦ୍ରକ ଠାରେ କେତେକ ଗୋ ସୁରକ୍ଷା କର୍ମୀ ଓ ବୁଦ୍ଧିଜୀବୀ ଜଣାଇଛନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo